# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୯/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, September 19/2023 | Page 18 | ₹ 7.00

୪୯ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 295 | ମୂଲ୍ୟ ₹୭/-





YOUR TRUST OUR COMMITMENT

ପୂର୍ବଭାରତର ସର୍ବବୃହତ୍ ଓ ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ
ଲାଲ୍‌ଚାନ୍ଦର ପ୍ରଥମ ଓ ଅଗ୍ରଣୀ ଶୋ'ରୁମ୍
ଆଜିଠାରୁ

## ଭବ୍ୟତାର ନୂଆ ରୂପରେ




## ବିନା ସର୍ତ୍ତାବଳୀରେ ସ୍ୱଚ୍ଛ ଅଫର୍

ଲାଲ୍‌ଚାନ୍ଦ୍ ସବୁବେଳେ ନିଜ ଗ୍ରାହକମାନଙ୍କୁ ରିହାତି ଅଫର୍ ଦେବାବେଳେ ୧୦୦% ସ୍ୱଚ୍ଛତା ଅବଲମ୍ବନ କରିଥାଏ। ଏହା ସବୁବେଳେ ଫ୍ଲାଟ୍ ରିହାତିର ଅଫର୍ ଆଣିଥାଏ, ଯାହା ଦ୍ୱାରା ଗ୍ରାହକମାନେ କୌଣସି ପ୍ରକାରେ ବିଭ୍ରାନ୍ତ ହେବାର ଅବକାଶ ନ ଥାଏ। ଅନ୍ୟ ଅଳଙ୍କାର ବିକ୍ରେତାମାନଙ୍କ ତୁଳନାରେ ଲାଲ୍‌ଚାନ୍ଦ୍‌ର ମେକିଂ ଚାର୍ଜ ଏବଂ ସୁନାମୂଲ୍ୟ ସବୁ ସମୟରେ ଯଥାର୍ଥ ଓ ସୁଲଭ ହୋଇଥାଏ।

## ସତର୍କତା ଓ ସଚେତନତା

ସମ୍ପ୍ରତି ଅଳଙ୍କାର ଶିଳ୍ପ ଜଗତରେ ଲାଲ୍‌ଚାନ୍ଦ୍ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି। ପ୍ରାରମ୍ଭରୁ ହିଁ ଏହା ସର୍ବଦା ଗ୍ରାହକଙ୍କୁ ଗହଣାର ଶୁଦ୍ଧତା ସମ୍ପର୍କରେ ସଚେତନ କରାଇଆସୁଛି। ସମ୍ପ୍ରତି ଏହା ଉଭୟ ଓଡ଼ିଶା ଏବଂ ନୂଆଦିଲ୍ଲୀର ଅଳଙ୍କାର ବଜାରରେ ମେକିଂ ଚାର୍ଜ ଉପରେ ଦିଆଯାଉଥିବା ବିଭ୍ରାନ୍ତକାରୀ ଅଫରର ଲୁକ୍କାୟିତ ସତ୍ୟ ଲୋକଲୋଚନକୁ ଆଣୁଛି, ଯଦ୍ୱାରା ଗ୍ରାହକମାନେ କୌଣସି ଠକାମୀର ଶିକାର ନ ହୋଇ ସଚେତ ଭାବେ ପସନ୍ଦ ଅନୁସାରେ ଗହଣା କ୍ରୟ କରିପାରିବେ।

## ଉନ୍ନତ ଓ ଉତ୍କୃଷ୍ଟ କାରିଗରି

ବଛାବଛା କୁଶଳୀ ଅଳଙ୍କାର କାରିଗରମାନଙ୍କୁ ଧନ୍ୟବାଦ, ଯେଉଁମାନେ ନିଜର କର୍ମକ୍ଷେତ୍ର ଓ ଦକ୍ଷତାରେ ଶ୍ରେଷ୍ଠତ୍ୱ ଅର୍ଜନ କରିଛନ୍ତି। ଲାଲ୍‌ଚାନ୍ଦ୍‌ର ଅଳଙ୍କାରମାନ ଅନ୍ୟ ବ୍ରାଣ୍ଡ ଠାରୁ ଉଲ୍ଲେଖନୀୟ ଭାବେ ଭିନ୍ନ। ବଜାରରେ ଉପଲବ୍ଧ ଗହଣା ମଧ୍ୟରେ ଲାଲ୍‌ଚାନ୍ଦ୍ ଅଳଙ୍କାରଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ, କାରଣ ସେଗୁଡ଼ିକର ଡିଜାଇନ୍ ବିଭିନ୍ନ ବୟସ ତଥା ବିତ୍ତୀୟ ବର୍ଗର ଲୋକମାନଙ୍କ ପସନ୍ଦ ଆଧାରରେ ପ୍ରସ୍ତୁତ ହୋଇଥାଏ।





## ଶୁଦ୍ଧତା ପ୍ରତି ପ୍ରତିବଦ୍ଧତା

ଲାଲ୍‌ଚାନ୍ଦ୍ କଦାପି ଅଳଙ୍କାରର ଶୁଦ୍ଧତାରେ ବୁଝାମଣା କରେନାହିଁ। ଏହା କେବଳ ଏଚ୍‌ୟୁଆଇଡି-ହଲ୍‌ମାର୍କଯୁକ୍ତ ସୁନା ଏବଂ ପ୍ରମାଣିତ ହୀରା, ପ୍ଲାଟିନମ୍ ଓ ରୁପା ଅଳଙ୍କାର ବିକ୍ରୟ କରିଥାଏ। ଏଣୁ, ଲାଲ୍‌ଚାନ୍ଦ୍ କେବଳ ଓଡ଼ିଶାର ସର୍ବାଧିକ ନିର୍ଭରଯୋଗ୍ୟ ଅଳଙ୍କାର ବିକ୍ରେତା ନୁହେଁ, ବରଂ ଏହା ଭୁବନେଶ୍ୱରରେ (ରଘୁନାଥପୁରର ପ୍ରମୁଖ ଶୋ'ରୁମ୍ ଏବଂ ଏସ୍‌ପ୍ଲାନେଡ୍ ମଲ୍‌ରେ ଗୋଟିଏ ସମେତ) ତିନିଟି ଏବଂ କଟକର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ଓ ବ୍ରହ୍ମପୁରର ଧର୍ମ ନଗର, ପ୍ରତ୍ୟେକରେ ଗୋଟିଏ କରି ସୁବିଶାଳ ଶୋ'ରୁମ୍ ପ୍ରତିଷ୍ଠା କରି ପୂର୍ବଭାରତର ବୃହତ୍ତମ ଜୁଏଲର ଭାବେ ମଧ୍ୟ ଉଭା ହୋଇଛି।

## ରାଜଧାନୀରୁ ରାଜଧାନୀ

ଲାଲ୍‌ଚାନ୍ଦ୍ ନିଜର ବିଶ୍ୱସ୍ତରୀୟ ଗହଣା ଓ ଗ୍ରାହକ ସେବା ଆଧାରିତ ବିଶାଳ ଅଳଙ୍କାର ସାମ୍ରାଜ୍ୟକୁ ସୁଦୂରପ୍ରସାରୀ କରି ରାଜ୍ୟ, ରାଷ୍ଟ୍ର ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏକାଧିକ ଉଦ୍ୟୋଗ ପୁରସ୍କାରରେ ଗୌରବାନ୍ୱିତ ହୋଇଛି। ଏହା ସହ ଓଡ଼ିଶାର ପ୍ରଥମ ଅଳଙ୍କାର ବିକ୍ରେତା ଭାବେ ଏହି ବୃହତ୍ ପ୍ରତିଷ୍ଠାନ ନୂଆଦିଲ୍ଲୀଠାରେ ନିଜର ଏକ ଭବ୍ୟ ଶୋ'ରୁମ୍ ସ୍ଥାପନ କରିଛି। ଦେଶର ରାଜଧାନୀରେ ଲାଜପତ୍ ନଗର ସେଣ୍ଟ୍ରାଲ୍ ମାର୍କେଟ୍‌ର ବ୍ୟସ୍ତତାପୂର୍ଣ୍ଣ କ୍ଷେତ୍ରରେ ଖୁବ୍ କମ୍ ସମୟରେ ନିଜର ଦୃଢ଼ ଉପସ୍ଥିତି ଜାହିର କରି ଲାଲ୍‌ଚାନ୍ଦ୍ ନିଜ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଗର୍ବର ସହ ପ୍ରଦର୍ଶିତ କରୁଛି। ■




ରାଜଧାନୀ ଭୁବନେଶ୍ୱରର ମାଷ୍ଟର୍ କ୍ୟାଣ୍ଟିନ୍ ଛକରେ ଥିବା ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ନିଜର ପ୍ରଥମ ଏବଂ ଅଗ୍ରଣୀ ଶୋ'ରୁମ୍‌କୁ ପୁଣି ଥରେ ନୂଆ, ଭବ୍ୟ ଓ ଚିତ୍ତାକର୍ଷକ ଭାବେ ରୂପାନ୍ତରିତ କରିଛି। ଗ୍ରାହକମାନଙ୍କ ସୁବିଧା ପାଇଁ ପଛପାଖରେ ପାର୍କିଂ ସୁବିଧା ସହ ଆଉ ଏକ ନୂତନ ଦ୍ୱାର ଉନ୍ମୁକ୍ତ କରାଯାଇଛି। ଏବେ ଗ୍ରାହକମାନେ ଉଭୟ ଦ୍ୱାର ଦେଇ ଶୋ'ରୁମ୍ ଭିତରକୁ ପ୍ରବେଶ କରିପାରିବେ। ମାଷ୍ଟର୍ କ୍ୟାଣ୍ଟିନ୍ ଷ୍ଟୋରରେ ଭାଲେ ପାର୍କିଂ ବ୍ୟବସ୍ଥା ମଧ୍ୟ ଉପଲବ୍ଧ।

ପୂର୍ବ ଭାରତର ସର୍ବଶ୍ରେଷ୍ଠ ଅଳଙ୍କାର କାରିଗରିର ବୃହତ୍ ସମ୍ଭାର।

LALCHND
Trusted Brand Since 1948

### ଉଦ୍‌ଘାଟନ ଉତ୍ସବ ପାଳନ ଅବସରରେ ଅଳଙ୍କାର କିଣିବାର ସୁବର୍ଣ୍ଣ ସୁଯୋଗ।

## ଫ୍ଲାଟ୍ ୪୯୯ ଟଙ୍କା/ଗ୍ରାମ୍

ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ

ଏହି ଅଫର୍ କେବଳ ସେପ୍ଟେମ୍ବର ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ।

ଫ୍ଲାଟ୍ ୫୦% ରିହାତି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ | ଫ୍ଲାଟ୍ ୩୦% ରିହାତି ହୀରା ମୂଲ୍ୟ ଉପରେ | ଫ୍ଲାଟ୍ ୨୦% ରିହାତି ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡ୍ ଗୁଡ଼ିକ ଉପରେ

ପ୍ରତି ୨୫,୦୦୦/- ଟଙ୍କାର କ୍ରୟ ଉପରେ
ରୁପା ମୁଦ୍ରା ସମ୍ପୂର୍ଣ୍ଣ ମାଗଣା



ଆସନ୍ତୁ, ଶୋ'ରୁମ୍‌ର ଭବ୍ୟ ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୁଅନ୍ତୁ।
ଆଜି ଅପରାହ୍ଣ ୫ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ
ଆପଣଙ୍କ ପ୍ରିୟ ଅଭିନେତା ଓ ଅଭିନେତ୍ରୀଙ୍କ ସହ ସେଲ୍‌ଫି ନେବାର ସୁଯୋଗ ପାଆନ୍ତୁ
ଏବଂ ଏହି ମୁହୂର୍ତ୍ତକୁ ସ୍ମରଣୀୟ କରନ୍ତୁ।



ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି ★ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

JEWELLERS SINCE 1988

ଭୁବନେଶ୍ୱର ରଘୁନାଥପୁର ୦୬୭୪-୨୪୬୧୧୪୯/୧୫୦/୧୫୧ | ଭୁବନେଶ୍ୱର ମାଷ୍ଟର୍ କ୍ୟାଣ୍ଟିନ୍ ୦୬୭୪-୨୫୩୪୦୧୬/୧୭/୧୮ | ଭୁବନେଶ୍ୱର ଏସ୍‌ପ୍ଲାନେଡ୍ ମଲ୍ +୯୧-୯୯୩୭୨୨୯୬୨୫ | ବ୍ରହ୍ମପୁର ଧର୍ମ ନଗର ୦୬୮୦-୨୨୨୯୪୦୧/୦୨/୦୪ | କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ୦୬୭୧-୨୩୦୨୫୦୪/୩୫୦୪/୪୫୦୫ | ନୂଆଦିଲ୍ଲୀ ଲାଜପତ୍ ନଗର ୦୧୧-୪୫୬୬୧୫୬୪

## ସଂକ୍ଷେପରେ

### ବଜ୍ରପାତରେ ମନ୍ଦିରରେ ଫାଟ



ଗମ୍ଭାରୀମୁଣ୍ଡା,୧୮।୯(ଦିଲୀପ ସ୍ୱାଇଁ) ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡାରେ ସୋମବାର ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଫଳରେ ବଜାରସାହି ସ୍ଥିତ ପୁରାତନ ମା’ଆଙ୍କୁଲେଇଙ୍କ ମନ୍ଦିରରେ ଫାଟ ହେବା ସହ କିଛି ଅଂଶ ଭାଙ୍ଗି ତଳେ ପଡ଼ିଥିଲା। ଫଳରେ ସେଠାରେ ଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ମନ୍ଦିର ଉପରେ ବଜ୍ରପାତ ପଡିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### କାଠକଟା ମେଶିନ ଚୋରି ଅଭିଯୋଗରେ ଯୁବକ ଗିରଫ

ବାରଙ୍ଗ,୧୮।୯(ଲିଙ୍ଗରାଜ ରାଉତ)- ନନ୍ଦନକାନନ ଥାନା ପାଖରେ ଥିବା ଏକ କାଠଗୋଲା ଡିପୋରୁ କାଠକଟା ମେଶିନ ଚୋରି କରି ଜଣେ କର୍ମଚାରୀ ଗିରଫ ହୋଇଛନ୍ତି। ସେ ହେଲେ ନରସିଂହପୁର ବାଲିସାହିର ଦିପୁ ରଞ୍ଜନ ଭଞ୍ଜ। ଗତ ବୁଧବାର ଡିପୋରେ କେହି ନ ଥିବାବେଳେ ଦିପୁ କାଠକଟା ମେଶିନ ଚୋରି କରି ନେଇଯାଇଥିବା ଡିପୋ ମାଲିକ ସୁଧୀର ସାହୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ନନ୍ଦନକାନନ ଗୋଲେଇ ଛକ ବସ୍ ଷ୍ଟପ୍‌ରୁ ଦିପୁଙ୍କୁ ପୋଲିସ ରବିବାର କାବୁ କରିଥିଲା।

### ପରଲୋକରେ ଆଦର୍ଶ ଶିକ୍ଷୟିତ୍ରୀ

ବାରଙ୍ଗ,୧୮।୯(ଲିଙ୍ଗରାଜ ରାଉତ)- ନନ୍ଦନକାନନ ଥାନା ଅଧୀନ ଦାଢ଼ା ପଞ୍ଚାୟତର ବାଲିପଡ଼ା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ସବିତା ସ୍ୱାଇଁ(୫୭)ଙ୍କ ସୋମବାର ପରଲୋକ ହୋଇଛି। ସେ ଭୁବନେଶ୍ୱର ବ୍ଲକ ଉତ୍କଳମଣି ବାଳିକା ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ଶିକ୍ଷୟିତ୍ରୀ ଥିଲେ। କିଛିଦିନ ହେବ ସେ ରକ୍ତକର୍କଟ ରୋଗରେ ପୀଡ଼ିତ ଥିଲେ। ସୋମବାର ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଧାୟକ ସୁଶାନ୍ତ ରାଉତ, ବାବା ସୋମନାଥ ସେନାର ସଭାପତି ଲିଙ୍ଗରାଜ ରାଉତ, ବିଜେଡି ନେତା ନିର୍ମଳ ରାଉତ, ଇଞ୍ଚଣା ଗ୍ରାମ ସଭାପତି ପ୍ରଦୀପ ଦାସ, କେନ୍ଦୁପାଟଣା ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଜଗନ୍ନାଥ ଭଞ୍ଜଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶେଷ ଦର୍ଶନ କରିଥିଲେ। ସେ ଜଣେ ପରଉପକାରୀ ଓ ଧର୍ମପରାୟଣା ଶିକ୍ଷୟିତ୍ରୀ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ବିଶ୍ୱଜିତ୍ ଜେନା ମୁଖାଗ୍ନି ଦେଇଥିଲେ।

# ବିଏମ୍‌ସିର ଅଫିସର ପ୍ରୀତିକୁ ନେଇ ହୋହଲ୍ଲା

ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)



କର୍ପୋରେଶନ ବୈଠକରେ ଯୋଗ ଦେଇଥିବା କର୍ପୋରେଟର ଓ ଅଧିକାରୀମାନେ।

### ମାସିକ କର୍ପୋରେଶନ ବୈଠକ

**ବଦଳିବ ପୁରୀ ବାଇପାସ୍ ପ୍ରବେଶ ପଥ ଓ କଳିଙ୍ଗ ଷ୍ଟୁଡିଓ ପାର୍ଶ୍ୱରାସ୍ତା**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଅଫିସରି ରାଜ୍ ସାଙ୍ଗକୁ ଅଫିସର ପ୍ରୀତି ଦେଖିବାକୁ ମିଳୁଛି। ସରକାରଙ୍କ ବଦଳି ନିୟମକୁ ଖୋଲାଖୋଲି ଭାବେ ଫୁ’ କରାଯାଇ ପ୍ରିୟାପ୍ରୀତି ତୋଷଣ କରାଯାଉଛି। ଫଳରେ କୋଟି କୋଟି ଟଙ୍କାର ଗଫଲତି କରି ଗାଦି ମାଡିବସିଛନ୍ତି ଅଧିକାରୀ। ମାତ୍ର ଏନେଇ ବିଏମ୍‌ସି କର୍ତ୍ତୃପକ୍ଷ କିଛି ଜାଣି ନ ଥିବା ଅଭିନୟ କରି ଅଧିକାରୀଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛନ୍ତି। ଏପରି ଅଭିଯୋଗ ଆଣିବା ସହ କର୍ପୋରେଟର ନୃପେଶ ନାୟକ ସୋମବାର ବିଏମ୍‌ସି କର୍ପୋରେଶନ ବୈଠକରେ ପ୍ରଶ୍ନ ଉଠାଇଥିଲେ। ତାଙ୍କୁ ସମର୍ଥନ କରି ଆଉ କେତେଜଣ କର୍ପୋରେଟ ହୋହଲ୍ଲା କରିଥିଲେ। ବିଏମ୍‌ସିର ମେକାନିକାଲ ଇଂଜିନିୟରିଂ ଡିଭିଜନ୍‌ରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଅଭିମନ୍ୟୁ ବେହେରା ଦୀର୍ଘ ୨୮ବର୍ଷ ହେବ ଏହି ବିଭାଗରେ କାର୍ଯ୍ୟ କରୁଛନ୍ତି। ୧୯୯୫ରେ ଜୁନିୟର ଇଂଜିନିୟର ଭାବେ କାମ ଆରମ୍ଭ କରିଥିବାବେଳେ ଏହିଠାରେ ପଦୋନ୍ନତି ପାଇ ବିଭାଗରେ ଡେରା ପକାଇଛନ୍ତି। ବିଏମ୍‌ସି କିଣୁଥିବା ଗାଡ଼ିର ମେଣ୍ଟେନାନ୍ସ ନାମରେ ସେ କୋଟି କୋଟି ଟଙ୍କା ହେରଫେର କରୁଥିବା ଅଭିଯୋଗ ହେଉଛି। ଏପରିକି ନିଜେ ଏକାଧିକ ଗାଡ଼ିର ମାଲିକ ସାଜି ତାହାକୁ ଆଉଟ୍‌ସୋର୍ସିଂ ଭାବେ ବିଏମ୍‌ସିରେ ନିୟୋଜିତ କରୁଥିବା ଅଭିଯୋଗ ଆସୁଥିଲେ ବି କର୍ତ୍ତୃପକ୍ଷ ତାହାକୁ କାହିଁକି ଅଣଦେଖା କରୁଛନ୍ତି ବୋଲି କର୍ପୋରେଟର ପ୍ରଶ୍ନ କରିଥିଲେ। ଅଭିଯୋଗ ପରେ କମିଶନର ୭ଦିନ ସମୟ ମାଗିବା ସହ ଘଟଣାର ତଦନ୍ତ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ସଂସ୍ଥା ‘ନିଭ୍ ଏନର୍ଜି’କୁ ନେଇ କର୍ପୋରେଟର ଅଚ୍ୟୁତାନନ୍ଦ ସ୍ୱାଇଁ ପ୍ରଶ୍ନ କରିଥିଲେ। ନିୟମ ଅନୁଯାୟୀ, ଅଭିଯୋଗର ୪୮ଘଣ୍ଟା ମଧ୍ୟରେ ସମସ୍ୟା ଦୂର ନ ହେଲେ ସଂସ୍ଥାକୁ ଜରିମାନା କରିବା କଥା, ମାତ୍ର ବିଏମ୍‌ସି ଉଦାରତା ଦେଖାଇ ଏଯାବତ୍ ସଂସ୍ଥାକୁ କୌଣସି ଜରିମାନା କରିନାହିଁ। ଏପରିକି ସହରରେ ଆଉ ୩ହଜାରରୁ ଊର୍ଦ୍ଧ୍ୱ ନୂତନ ଲାଇଟ୍ ଲାଗିବାକୁ ଥିବାବେଳେ ଏହାର ଦାୟିତ୍ୱ ମଧ୍ୟ ନିଭ୍‌କୁ ଦିଆଯାଇଥିବା ସୂଚନା ମିଳିଛି। ଏନେଇ ଆପତ୍ତି କରାଯାଇଥିବାବେଳେ ଏହାକୁ ସମର୍ଥନ କରି କର୍ପୋରେଟର ରାମଚନ୍ଦ୍ର ରଣସିଂହ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଦାବି କରିଥିଲେ। ସେହିପରି ଜାଗା ମିଶନ୍, ୬୫ବର୍ଷ ପରେ କର୍ମଚାରୀଙ୍କୁ ଚାକିରୀରେ ନିଯୁକ୍ତି ନ କରି ଅନ୍ୟଙ୍କୁ ସୁଯୋଗ ଦେବା ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ଏହାବାଦ୍ ଭୁବନେଶ୍ୱରର ୪ଟି ପ୍ରବେଶ ପଥର ସୌନ୍ଦର୍ଯ୍ୟକରଣ କରାଯିବା ସହ ପୁରୀ ବାଇପାସ୍ ପ୍ରବେଶ ପଥ ଓ କଳିଙ୍ଗ ଷ୍ଟୁଡିଓ ପାର୍ଶ୍ୱରାସ୍ତା ଉନ୍ନତିକରଣ କରିବାକୁ ମେୟର ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା, ଡ୍ରେନ୍, ଆଲୋକ ଆଦି ବ୍ୟବସ୍ଥା ପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଆସନ୍ତା ବୈଠକରେ କର୍ପୋରେଟରମାନେ ସେ ତାଲିକା ସମୀକ୍ଷା କରିବା ସହ କଣ କାମ ବାକି ରହିଛି ତାହା ଜଣାଇବେ। ସେହିପରି ନିର୍ମିତ ରାସ୍ତାର ମାନ ବଜାୟ ରଖିବାକୁ ମେୟର ତାଗିଦ୍ କରିଥିଲେ। ଠିକାଦାରମାନେ ଯେଉଁ କାମ କରିବେ, ତାର ସୂଚନା ଫଳକ କାମ ଆରମ୍ଭରୁ ଲଗାଇବେ ଏବଂ କାମ ସରିବା ପରେ ବିଲ୍ ସହ ନାଗରିକଙ୍କ ଫିଡ୍‌ବ୍ୟାକ୍ ପ୍ରଦାନ କରିବେ। ରାସ୍ତା ମଝିରେ ଏବଂ ବିପଦସଂକୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ତୁରନ୍ତ ହଟାଇବା ପାଇଁ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଆଲୋକ ପାଇଁ ନିୟୋଜିତ ଦୁଇ ସଂସ୍ଥା ଠିକ୍ ଭାବେ କାମ ନ କଲେ, ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ସହ ବିଲ୍ ବନ୍ଦ କରିବାକୁ ଚେତାବନୀ ଦିଆଯାଇ ଥିଲା।

## ମର୍ଣ୍ଣିଂୱାକ୍ ବେଳେ ଖଣ୍ଡାରେ ହାଣିଲେ

ପୁରୁଣା ଭୁବନେଶ୍ୱର,୧୮।୯
(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଶିଶୁପାଳଗଡ଼ ଛକ ନିକଟରେ ସୋମବାର ମର୍ଣ୍ଣିଂୱାକ୍ କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ସ୍ଥାନୀୟ ନୂଆଗାଁ ଅଞ୍ଚଳର ବିଦ୍ଦୁ ଶେଖର ସୁବୁଦ୍ଧି (୫୩)। ଗୁରୁତର ଅବସ୍ଥାରେ ତାଙ୍କୁ ଲୁଇସରୋଡସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବିଦ୍ଦୁ ଶେଖର ପ୍ରତ୍ୟେକଦିନ ଭଳି ସୋମବାର ପ୍ରାତଃରେ ମର୍ଣ୍ଣିଂୱାକରେ ଯାଇଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ହଠାତ୍ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟଲୋକେ ଗୁରୁତର ଅବସ୍ଥାରେ ବିଦ୍ଦୁ ଶେଖରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ବିଦ୍ଦୁ ଶେଖରଙ୍କ କାହାରି ସହିତ ଶତ୍ରୁତା ନ ଥିବା ବେଳେ ଅଞ୍ଚଳରେ ଭଲ କାମ ନେଇ ସେ ଟାର୍ଗେଟରେ ଥିବା ସ୍ଥାନୀୟ ଲୋକ କହିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୮୩/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ବିଏମ୍‌ସି ଘେରିଲେ ମଣ୍ଡପ ବସ୍ତିବାସୀ

ଭୁବନେଶ୍ୱର, ୧୮।୯ (ବନ୍ଦନା ସେଠୀ)



ମେୟର ସୁଲୋଚନା ଦାସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ୮ବର୍ଷ ପରେ ବି ସରୁନି ନିର୍ମାଣ କାର୍ଯ୍ୟ, ଦୁର୍ଦ୍ଦଶାରେ ହିତାଧିକାରୀ
- ଅକ୍ଟୋବର ସୁଦ୍ଧା କାମ ନ ସରିଲେ କଳା ତାଲିକାଭୁକ୍ତ ହେବ ସଂସ୍ଥା

ଭୁବନେଶ୍ୱରରେ ଥିବା ବସ୍ତିଗୁଡିକର ଉନ୍ନତିକରଣ ତଥା ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ଯୋଜନାରେ ଥଇଥାନ ନିମନ୍ତେ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ହିତାଧିକାରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୧୫ରୁ ଚନ୍ଦ୍ରଶେଖରପୁର ମଣ୍ଡପ ବସ୍ତିରେ ଘର ନିର୍ମାଣ କାର୍ଯ୍ୟ ଚାଲିଛି। ୧୫ମାସ ମଧ୍ୟରେ ଏହା ସରିବାକୁ ନିର୍ଦ୍ଧାରିତ ହୋଇଥିଲାବେଳେ ଏହା ଭିତରେ ୮ବର୍ଷ ବିତି ଗଲାଣି। ମାତ୍ର ଏଯାବତ୍ ଘର ନିର୍ମାଣ ସରୁନାହିଁ କି ବସ୍ତି ବାସିନ୍ଦା ଥଇଥାନ ହୋଇ ପାରୁନାହାନ୍ତି। ବିଏମ୍‌ସି ଦୌଡି ଦୌଡି ମିଛ ପ୍ରତିଶ୍ରୁତି ଛଡା ଆଉ କିଛି ମିଳୁ ନ ଥିବାରୁ ଶେଷରେ ସୋମବାର ବସ୍ତିବାସିନ୍ଦା ବିଏମ୍‌ସି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମାତ୍ର ସମସ୍ୟାର ଗଭୀରତାକୁ ନ ବୁଝି ମେୟର ସୁଲୋଚନା ଦାସ କାମ ଚାଲିଛି ଯଥାଶୀଘ୍ର ନିର୍ମାଣ ସରିବ ବୋଲି କହି ଘଟଣାକୁ ଏଡାଇ ଦେଇଥିଲେ। ଏଥିସହ ବିଏମ୍‌ସି ଘେରିଲେ କ’ଣ କାମ ହେଇଯିବ ବୋଲି ପ୍ରଶ୍ନ କରିଥିଲେ। ସେହିପରି ମେୟର ସମସ୍ୟା ନ ବୁଝି ସେମାନଙ୍କୁ ଖରାପ ବ୍ୟବହାର କରିଥିବା ବସ୍ତି ବାସିନ୍ଦା ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ରାଜୀବ ଆବାସ ଯୋଜନା (ଇନ୍-ସିଟୁ ରିଡେଭେଲେପମେଣ୍ଟ) ଅଧୀନରେ ମଣ୍ଡପ ବସ୍ତିରେ ୪୦୦ ୟୁନିଟ୍ ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ଯେଉଁ କ୍ରମରେ ନିର୍ମାଣ କାର୍ଯ୍ୟ ସରିବା କଥା ଏ ଯାଏ ତାହା ହୋଇ ପାରିନାହିଁ। ଏଠାରେ ମୋଟ୍ ୫ଟି ବ୍ଲକ୍ ନିର୍ମାଣ କରାଯିବାକୁ ଥିବାବେଳେ ଏଯାବତ୍ ମାତ୍ର ୨ଟି ବ୍ଲକ୍ ନିର୍ମାଣ ହୋଇଛି। ଯେତିକି ଘର ବସ୍ତି ବାସିନ୍ଦାଙ୍କୁ ପ୍ରଦାନ କରାଯାଇଛି ସେଠାରେ ସମସ୍ତ ମୌଳିକ ସୁବିଧା ମିଳୁନାହିଁ। ପାଣି, ଲାଇନ୍ ଆଦି ବ୍ୟବସ୍ଥା ନ ଥିବାରୁ ହିତାଧିକାରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ମଣ୍ଡପ ବସ୍ତିର ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଜୁଲାଇ ୧୦ରେ କମିଶନର ଏବଂ ତାଙ୍କ ଟିମ୍ ସେଠାକୁ ଯାଇଥିଲେ। କାମରେ ଅବହେଳା କରାଯାଇଥିବାରୁ ନିର୍ମାଣ ଦାୟିତ୍ୱରେ ଥିବା ‘ବ୍ରିଜ୍ ଆଣ୍ଡ ରୁଫ୍’କୁ ସଂସ୍ଥାକୁ ତୁରନ୍ତ କାମ ସାରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅକ୍ଟୋବର ଶେଷ ସୁଦ୍ଧା ଗୋଟିଏ ବ୍ଲକ୍ ଏବଂ ଡିସେମ୍ବର ସୁଦ୍ଧା ବାକି ଆଉ ୨ଟି ବ୍ଲକ୍ ନିର୍ମାଣ ଶେଷ କରିବା ପାଇଁ ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସେପ୍ଟେମ୍ବର ମାସ ସରିବାକୁ ବସିଥିବାବେଳେ ଏ ଯାଏ କାମ ସରୁନାହିଁ। ଦିନେ କାମ ହେଲେ ୪ଦିନ ବନ୍ଦ ରହୁଛି। ଫଳରେ ଘର ଖଣ୍ଡିଏ ପାଇବା ଆଶାରେ ରହିଥିବା ହିତାଧିକାରୀମାନେ ସମସ୍ୟା ଭୋଗୁଛନ୍ତି। ତେବେ ବସ୍ତି ବାସିନ୍ଦାଙ୍କ ଅଭିଯୋଗ ଶୁଣିବା ପରେ ମେୟର କର୍ପୋରେଶନ ବୈଠକରେ ଏନେଇ ଆଲୋଚନା କରିଥିଲେ। କାମ କରୁଥିବା ଠିକାଦାର ଯଦି ଅକ୍ଟୋବର ୩୧ ତାରିଖ ସୁଦ୍ଧା କାମ ଶେଷ ନ କରନ୍ତି, ତେବେ ତାଙ୍କୁ କଳା ତାଲିକାଭୁକ୍ତ କରାଯିବା ସହ ତାଙ୍କର ସମସ୍ତ ବକେୟା ପାଉଣା ଓ ଅମାନତ ରାଶି ବାଜ୍ୟାପ୍ତ କରାଯିବ ବୋଲି ମେୟର କହିଥିଲେ।

## ଜୀ-ସାର୍ଥକର ଚଳଚ୍ଚିତ୍ର ‘ପ୍ରତିଶୋଧ’ର ଅଡିଓ ଲୋକାର୍ପିତ

ଭୁବନେଶ୍ୱର,୧୮।୯(ଅଭିଜିତ ଦାସ)

ଜୀ-ସାର୍ଥକର ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ପ୍ରତିଶୋଧ’ର ଅଡିଓ ରିଲିଜ୍ ସ୍ଥାନୀୟ ଏକ ହୋଟେଲରେ ହୋଇଯାଇଛି । କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ, ଜୀ ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ, ନିର୍ଦ୍ଦେଶକ ସାଇ ସ୍ୱରାଜ ମଙ୍ଗରାଜ, ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ, ଗୀତିକାର ସୂର୍ଯ୍ୟ ମହାପାତ୍ର, କଣ୍ଠଶିଳ୍ପୀ ଗୌରବ ଆନନ୍ଦ, ସତ୍ୟଜିତ ପ୍ରଧାନ ଓ ଲିପ୍ସା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖରେ ଏହି ଚଳଚ୍ଚିତ୍ର ରିଲିଜ ହେବ ବୋଲି ପ୍ରଯୋଜକ ସୂଚନା ଦେଇଥିଲେ। ସେହିପରି ଚଳଚ୍ଚିତ୍ରରେ ଏଲିନା ସାମନ୍ତରାୟ ମୁଖ୍ୟ ଭୂମିକା ଅଭିନୟ କରିଥିବାବେଳେ କୁନା ତ୍ରିପାଠୀ, ସମରେଶ, ବବି ମିଶ୍ର, ପୀୟୂଷ ତ୍ରିପାଠୀ ପ୍ରମୁଖ ଭୂମିକାରେ ରହିଛନ୍ତି। ଫିଲ୍ମର ଚିତ୍ରନାଟ୍ୟ ଓ ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଥିବାବେଳେ ଗୁଡ୍‌ଲି ରଥ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।




ଜୀ-ସାର୍ଥକର ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ପ୍ରତିଶୋଧ’ର ଅଡିଓ ରିଲିଜ୍ କରାଯାଉଛି।

## ରାସ୍ତା ଅବରୋଧ କଲେ ଭାଲୁଙ୍କା ଶବରସାହି, ମୁଣ୍ଡାସାହି ବାସୀ

ବାରଙ୍ଗ,୧୮।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ତହସିଲ ଅଧୀନ ରାମଦାସପୁର ଗ୍ରାମପଞ୍ଚାୟତର ଭାଲୁଙ୍କା ଶବରସାହି ଓ ମୁଣ୍ଡାସାହିରେ ରହୁଥିବା ଲୋକଙ୍କ ଜାଗାକୁ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌କୁ ଲିଜ୍ ଆକାରରେ ଦିଆଯାଇଛି। ଏଥିନିମନ୍ତେ ସୋମବାର ୨ଟି ଜେସିବି ସାହାଯ୍ୟରେ ଜାଗା ସଫା କରାଯିବାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ କାମ ବନ୍ଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ସ୍ଥାୟୀ ସମାଧାନ ପାଇଁ ଜିଦ୍ ଧରି ବସିଥିଲେ। ତହସିଲଦାର ସ୍ୱସ୍ତିକ ସଂକଳ୍ପ ସାହୁ ଆସି ଗ୍ରାମବାସୀଙ୍କୁ ନେଇ ଆସନ୍ତା ୨୬ ତାରିଖରେ ଜନଶୁଣାଣି କରିବାକୁ କହିବାରୁ ୩ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ରାମଦାସପୁର ଗ୍ରାମପଞ୍ଚାୟତର ଭାଲୁଙ୍କା ଶବରସାହି ଓ ମୁଣ୍ଡାସାହିରେ ଥିବା ୮ ଏକର ଅନାବାଦୀ ଜମିରେ ଦୀର୍ଘବର୍ଷ ଧରି ଗ୍ରାମବାସୀ ପରିବାର ଧରି ରହିଆସୁଛନ୍ତି। ହେଲେ ସେମାନଙ୍କୁ ଏ ପର୍ଯ୍ୟନ୍ତ ସ୍ଥାୟୀ ଜମିପଟ୍ଟା ମିଳିପାରିନାହିଁ। ଅନ୍ୟପଟେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଭତ୍ତା, ଆଧାର ଏବଂ ଭୋଟର କାର୍ଡ ପ୍ରଦାନ କରାଯାଇ ପିଲାଙ୍କ ପାଇଁ ବିଦ୍ୟାଳୟ ଖୋଲାଯାଇଛି। ଏବେ ଏହି ଜାଗାକୁ ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ କରିବାକୁ ଲିଜ୍ ଆକାରରେ ଦିଆଯାଇଛି। ଏହି ଜାଗା ଉପରେ କାମ କରିବାକୁ ନେଇଥିବା ଠିକା ସଂସ୍ଥା ୨ଟି ଜେସିବି ଲଗାଇ ସୋମବାର ଜାଗାକୁ ସଫା କରିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଶତାଧିକ ଆଦିବାସୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରି ଚନ୍ଦକାରୁ ଭାଲୁଙ୍କା ଦେଇ ଗୋଡ଼ି ସାହିକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ଠପ ହୋଇ ଯାଇଥିଲା।




ନୀଳାଦ୍ରିବିହାର ବୁଦ୍ଧପାର୍କଠାରେ ବିଡିଏ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ। (ଫଟୋ: ମନୋରଞ୍ଜନ ମିଶ୍ର)

**ଗାଡ଼ି ଧକ୍କାରେ ଆହତ ପିଲାର ଚିକିତ୍ସା ପାଇଁ କହିବାରୁ...**

## ସେଲୁନ ମାଲିକଙ୍କୁ ଭୁଜାଲିରେ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୧୮।୯ (ସୂର୍ଯ୍ୟକାନ୍ତ ବେହେରା): ଦୁର୍ଘଟଣାଗ୍ରସ୍ତ ପିଲାଙ୍କୁ ଚିକିତ୍ସା ପାଇଁ କହିବାରୁ ସେଲୁନ ମାଲିକଙ୍କୁ ଭୁଜାଲିରେ ଆକ୍ରମଣ ହୋଇଛି। ଏହି ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର କାହ୍ନୁ ଚରଣ ପ୍ରଧାନ ଓ ସୁମନ୍ତ କୁମାର ଭୋଇ। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଭୁଜାଲିକୁ ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି’ ତେବେ ଏହି ଘଟଣାରେ ସମ୍ପୃକ୍ତ ଆଉ ୪ଜଣ ଏବେବି ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ରବିବାର ବମିଖାଲ କେନାଲ ରୋଡ୍‌ସ୍ଥିତ ନିଜ ସେଲୁନରେ ବସିଥିବାବେଳେ ଫେରାର ଥିବା ଅଭିଯୁକ୍ତ ରାମେଶ୍ୱର ବେହେରାଙ୍କ ବାଇକ୍ ସାଇକେଲରେ ଯାଉଥିବା ଜଣେ ପିଲାକୁ ପଛପଟୁ ଧକ୍କା ଦେଇଥିଲା। ଏହା ଦେଖି ସେଲୁନ ମାଲିକ ଜଣକ ରାମେଶ୍ୱରଙ୍କୁ ଦୁର୍ଘଟଣା ପାଇଁ ଦାୟୀ କରି ଆହତ ପିଲାଟିର ଚିକିତ୍ସା କରିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାମେଶ୍ୱର ଘଟଣାସ୍ଥଳକୁ ସହଯୋଗୀମାନଙ୍କୁ ଡାକିଥିଲେ। ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ କାହ୍ନୁ ମାରଣାସ୍ତ୍ର ସହ ୬ଜଣ ଯୁବକଙ୍କୁ ଧରି ସେଠାକୁ ଆସି ଆତଙ୍କ ଖେଳାଇବା ସହ ସେଲୁନ ମାଲିକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଦୋକାନ ଭିତରେ ପଶି ହତ୍ୟା କରିବା ଉଦ୍ଦେଶ୍ୟରେ ଅତି ନିର୍ମମ ଭାବରେ ମୁହଁ ଓ ଶରୀରକୁ ଭୁଜାଲିରେ ବାରମ୍ବାର ଆକ୍ରମଣ କରିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ପଳାଇଥିଲେ। ଏନେଇ ଅଭିଯୋଗ ପରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଧରିଥିଲା।

# ବଙ୍ଗୀୟ ଯୁବକଙ୍କୁ ସ୍କ୍ରୁଡ୍ରାଇଭରରେ ଭୁସି ହତ୍ୟା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍ ରାଉତ):

**ଦୁଇ ଅଭିଯୁକ୍ତ ଗିରଫ**

ରାଜଧାନୀରେ ଜଣେ ବଙ୍ଗୀୟ ଯୁବକଙ୍କୁ ସ୍କ୍ରିଉ ଡ୍ରାଇଭରରେ ଭୁସି ହତ୍ୟା କରାଯାଇଛି। ଏହି ଘଟଣାରେ ବଡ଼ଗଡ଼ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଗୌତମନଗର ବସ୍ତିର ନରସିଂହ ରାଓ ଓରଫ ନର (୨୮) ଓ କେ. ଦଶୁ ରାଓ ଓରଫ ଦଶୁ (୩୩)। ଅପରାଧରେ ବ୍ୟବହୃତ ସ୍କ୍ରିଉ ଡ୍ରାଇଭରକୁ ପୋଲିସ ଜବତ କରିଛି। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ନର ଓ ଦଶୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମୃତ ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଅଞ୍ଚଳର ଅବ୍‌ଦୁଲ କୁଦ୍ଦୁସ୍ (୨୫)। ସେ ସମ୍ପର୍କୀୟଙ୍କ ସହ ଉତ୍ତରା ଅଞ୍ଚଳରେ ଏକ କନଷ୍ଟ୍ରକ୍‌ସନ କାମ କରୁଥିଲେ। ଅବ୍‌ଦୁଲ ଗାଁକୁ ଯିବାକୁ ଥିବାରୁ ଗତ ୧୨ ତାରିଖରେ ସମ୍ପର୍କୀୟ ଭାଇ ଏମଡି ରହୀମ ତାଙ୍କୁ ଆଣି କଳ୍ପନା ବସ୍‌ଷ୍ଟାଣ୍ଡରେ ଛାଡ଼ିଥିଲେ। ଅବ୍‌ଦୁଲ ରାସ୍ତା କଡ଼ ମୋଚି ଦୋକାନରେ ନିଜ ଜୋତା ପଲିସି କରିବା ସମୟରେ ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ମୋବାଇଲ ଓ ପର୍ସ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଅବଦୁଲ୍ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। କିଛି ସମୟ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଜଣେ ଅଭିଯୁକ୍ତ ମୋଚି ଦୋକାନରୁ ଏକ ସ୍କ୍ରିଉ ଡ୍ରାଇଭର ଆଣି ଅବ୍‌ଦୁଲ୍‌ଙ୍କ ପେଟରେ ଭୁସି ଦେଇଥିଲେ। ଅନ୍ୟଜଣେ ବାରମ୍ବାର ଆକ୍ରମଣ କରିଚାଲିଥିଲେ। ଫଳରେ ଅବଦୁଲ୍ ଚେତା ହରେଇ ତଳେ ପଡ଼ିଯାଇଥିଲେ। ପରେ ଅଭିଯୁକ୍ତଦ୍ୱୟ ତାଙ୍କ ପାଖରେ ଥିବା କିଛି ଟଙ୍କା, ମୋବାଇଲ ଓ ପର୍ସ ନେଇଯାଇଥିଲେ। ଦୋକାନୀମାନେ ବିରୋଧ କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଅବଦୁଲ୍‌ଙ୍କୁ ଘୋଷାଡ଼ି ନେଇ କଳ୍ପନା ରେଳ ଓଭରବ୍ରିଜ ନିକଟ ରାସ୍ତାରେ ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଜଣେ ଅଚିହ୍ନା ଯୁବକ ଅଚେତ ହୋଇ ପଡ଼ିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପରେ ଅବ୍‌ଦୁଲଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦିନକ ପରେ ପୋଲିସ ତାଙ୍କ ପରିଚୟ ପାଇଥିଲା। ସିସିଟିଭି ଯାଞ୍ଚ ଓ ବ୍ୟବଚ୍ଛେଦ ରିପୋର୍ଟରୁ ପୋଲିସ ପ୍ରକୃତ ଘଟଣା ଜାଣିବା ପରେ ରବିବାର ଏକ ହତ୍ୟା ମାମଲା (ନଂ.୫୧୫/୨୦୨୩) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**କଣ୍ଟାପଡ଼ା,୧୮।୯(ସୁରନାରାୟଣ ସାହୁ):** ଫୁଲନଖରା- ନିଆଳି ୬୦ ନଂ. ରାଜ୍ୟ ରାଜପଥର ଦାମୋଦରପୁର ନିକଟରେ ସୋମବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦପୁର ଥାନା ଅଧୀନ ପାଟସୁନ୍ଦରପୁର ନଇକୂଳ ସାହିର ତପନ ମହାନ୍ତି (୩୮)। ସୂଚନା ମୁତାବକ, ତପନ ଅଡଶପୁରରୁ କାମ ସାରି ସନ୍ଧ୍ୟା ୬ଟାବେଳେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଦାମୋଦରପୁର ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ସେ କଟକ ସହରର ଟ୍ରାଫିକ ପୋଲିସ ବିଭାଗର ଜଣେ କର୍ମଚାରୀ ବୋଲି ଜଣାପଡିଛି। ପାଟସୁନ୍ଦରପୁର ଗ୍ରାମବାସୀ ସରକାରୀ ସାହାଯ୍ୟ ଦାବିରେ ଘଟଣା ସ୍ଥଳରେ ରାସ୍ତାରୋକୋ କରିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ଓଲଟପୁର ଓ ଗୋବିନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଖବର ଲେଖା ହେବା ବେଳକୁ ରାସ୍ତାରୋକୋ ଜାରି ରହିଛି।

### ମନୋରମା ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ଆଠଗଡ଼,୧୮।୯ (ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଡ. ରାଧାନାଥ ରଥ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟରେ କବୟିତ୍ରୀ, ସାହିତ୍ୟିକା, ଖବରଦାତା ତଥା ଶିକ୍ଷାବିତ୍ ମନୋରମା ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜ ଖବରକାଗଜର ପୂର୍ବତନ ସମ୍ପାଦକ ଡ.ସତ୍ୟ ରାୟ, ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ, ଡେପୁଟି କଲେକ୍ଟର ଦୀପ୍ତିମୟୀ ବେହେରା, ଗୋପବନ୍ଧୁ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର, ବରିଷ୍ଠ ଖବରଦାତା ମୁରଲୀଧର ସାମଲ ଯୋଗଦେଇ ମନୋରମାଙ୍କ ସ୍ମୃତି ଚାରଣ କରିଥିଲେ। କମିଟି ଆବାହକ ସୁଧିରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପାର୍ଥସାରଥୀ ପଟ୍ଟନାୟକ ସଂଯୋଜନା କରିଥିଲେ। ଶତେକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋପବନ୍ଧୁ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ମାନପତ୍ର ଏବଂ ବୃତ୍ତି ରାଶି ଦିଆଯାଇ ସମ୍ମାନିତ କରାଯାଇଥିଲା।

### ୭୫୨ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ମାଣିଆବନ୍ଧ, ୧୮।୯ (ଅଖିଳ କୁମାର ସାହୁ):** ମଧୁବାବୁ ପେନ୍‌ସନ ଯୋଜନାରେ ବଡ଼ମ୍ବା ବ୍ଲକ ୩୧ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ୧୪ଟି ପଞ୍ଚାୟତର ୭୫୨ ଜଣ ନୂତନ ହିତାଧିକାରୀଙ୍କୁ ସୋମବାର ଭତ୍ତା ବଣ୍ଟନ କରାଯାଇଛି। ବଡ଼ମ୍ବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମିତା ସାହୁ ଓ ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ଜୋନ ଅନ୍ତର୍ଗତ ସାନବାରସିଂହ ପଞ୍ଚାୟତ କାର୍ଯ୍ୟାଳୟ, ମାଣିଆବନ୍ଧ ଦୋଳମଣ୍ଡପ ଓ ଅଭିମାନପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ପୃଥକ୍ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରିବା ସହ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ସ୍ଥାନୀୟ ଜିଲା ପରିଷଦ ପ୍ରତିନିଧି ମଗୁଲି ସାହୁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସନ୍ତରାବାଲୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ।

# ଉତ୍ସବମୁଖର କଟକ ସହର

### ରାଜସ୍ଥାନୀ ମିରର୍ ଆକୃତିର ଗଣେଶ ପେଣ୍ଡାଲ

**କଟକ,୧୮।୯(ସୁପ୍ରିୟା ପ୍ରିୟଦର୍ଶନୀ)**

କଟକ ମଙ୍ଗଳାବାଗ ମଲ୍ଲାସାହିର ଚନ୍ଦ୍ରପ୍ରକାଶ ରାଉତ ତିଆରି କରିଛନ୍ତି ରାଜସ୍ଥାନୀ ମିରର୍ ଆକୃତିର ଗଣେଶ ପେଣ୍ଡାଲ। ବୈରାଗୀ ରାଉତରାୟ ଓ କଳ୍ପନା ରାଉତାୟଙ୍କ ପୁଅ ଚନ୍ଦ୍ରପ୍ରକାଶ। ସେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୨୦୧୬ ବ୍ୟାଚ୍‌ର ଛାତ୍ର। ଏବେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ୨୦୦୨ ମସିହାରୁ ଚନ୍ଦ୍ରପ୍ରକାଶଙ୍କ ଘରେ ଗଣେଶ ପୂଜା ଆରମ୍ଭ ହୋଇଥିଲା। ୨୦୧୦ ମସିହାରୁ ନିଜ ସଞ୍ଚିତ ଅର୍ଥରୁ ପ୍ରତ୍ୟେକ ବର୍ଷ କରି ପୂଜା ଆସୁଛନ୍ତି। ଶ୍ରାବଣ ମାସ ପ୍ରଥମ ସୋମବାର ମାଟି ଅନୁକୂଳ କରି ଘରେ ମାଟି ଓ ଗୁଆ ରଖିଥାନ୍ତି। ପରେ ଆରମ୍ଭ କରିଥାନ୍ତି ଗଣେଶଙ୍କ ମୂର୍ତ୍ତି ତିଆରି କାମ। ଆଜିକୁ ୧୩ ବର୍ଷ ହେବ ନିଜ ଘରେ ଗଣେଶ ପୂଜା କରି ଆସୁଛନ୍ତି। ୮ ଫୁଟ୍ ଉଚ୍ଚର ପେଣ୍ଡାଲ ରହିଥିବା ବେଳେ ପେଣ୍ଡାଲ୍ ତିଆରିରେ ସୋଲ, କାର୍ଡବୋର୍ଡ ଓ ବହୁସଂଖ୍ୟକ ମିରର୍ ଓ ରଙ୍ଗ ବ୍ୟବହାର କରାଯାଇଛି।

### ବୁଢ଼ା ଗଣେଶଙ୍କ ଶାଢ଼ି ଚଢ଼ା ପରମ୍ପରା

ବଣିଆସାହିରେ ମଦନମୋହନ ସମିତି ପକ୍ଷରୁ ପୂଜା ପାଉଛନ୍ତି ସହରର ସର୍ବପୁରାତନ ତଥା ପ୍ରଥମ ବୁଢ଼ା ଗଣେଶ। ଏଠାରେ ୫ଶହ ବର୍ଷର ନୀତିକାନ୍ତି ଏବେ ବି ଉଜ୍ଜୀବିତ ରହିଛି। ପରମ୍ପରା ଅନୁଯାୟୀ, ଚିତାଲାଗି ଅମାବାସ୍ୟା ଦିନ ମହାନଦୀ କୂଳରୁ ବୁଢ଼ା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ମାଟି ଉଠାଯାଏ। ଏଠାରେ ମାନସିକଧାରୀଙ୍କ ଶାଢ଼ି ଚଢ଼ାଇବା ନେଇ ଏକ ନିଆରା ପରମ୍ପରା ରହିଛି। ମାନସିକ ପୂରଣ ହୋଇଥିବା ବ୍ୟକ୍ତି ଶାଢ଼ି ଚଢ଼ାଇଥା'ନ୍ତି। ୨୦୫୬ ମସିହା ପର୍ଯ୍ୟନ୍ତ ଶାଢ଼ି ଚଢ଼ାଇବା ମାନସିକଧାରୀଙ୍କର ଏକ ତାଲିକା ତିଆରି ହୋଇ କମିଟି ପାଖରେ ରହିଛି। ଚଳିତବର୍ଷ ୨୦ ବର୍ଷ ପୂର୍ବେ ମାନସିକ କରିଥିବା ଶ୍ରଦ୍ଧାଳୁ ଏହି ଶାଢ଼ି ଚଢ଼ାଇବେ। ବଣିଆ ସାହି ଅଞ୍ଚଳର ପ୍ରମୋଦ ମହାରଣାଙ୍କ ଶାଢ଼ି ଚଢ଼ାଇବା ପାଳି ରହିଛି। ଶାଢ଼ି ଚଢ଼ାଇବା ବ୍ୟକ୍ତି ଘାଣ୍ଟ ପ୍ରସାଦ ପାଇଁ ଦକ୍ଷତା ଅନୁସାରେ ସହାୟତା କରିଥା'ନ୍ତି। ବଣିଆସାହି ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ର ହାତୀଙ୍କ କହିବା ଅନୁସାରେ, ଏହା ସହରର ସର୍ବପ୍ରାଚୀନ ବୁଢ଼ା ଗଣେଶ। ଏଠାରେ ମାନସିକ କରି କେହି ଖାଲି ହାତରେ ଫେରିନାହାନ୍ତି।



କେଶରପୁର ଗୁଜୁରାତି କଲୋନୀରେ ପ୍ରସ୍ତୁତ ଚନ୍ଦ୍ରଯାନ-୩ର ପେଣ୍ଡାଲ୍।

### ଶ୍ରୀମନ୍ଦିର ସହ ଚନ୍ଦ୍ରଯାନ-୩ର ପେଣ୍ଡାଲ୍

ହଅଦରକାରୀ ସାମଗ୍ରୀରୁ ଆକର୍ଷଣୀୟ ତୋରଣ ପ୍ରସ୍ତୁତକରି ଚର୍ଚ୍ଚାରେ କେଶରପୁର ଗୁଜୁରାତି କଲୋନୀର ବାସିନ୍ଦା ସୁଶିଳାଦେବୀ ତିବ୍ରେୱାଲ ଓ ସ୍ୱର୍ଗତ ଯୁଗଳ କିଶୋର ତିବ୍ରେୱାଲଙ୍କ ପୁଅ ଅର୍ଜୁନ ତିବ୍ରେୱାଲ। ସେ ଗଣେଶ ପୂଜା ପାଇଁ ଚନ୍ଦ୍ରଯାନ-୩ର ପେଣ୍ଡାଲ୍ ତିଆରି କରିଛନ୍ତି। ଚନ୍ଦ୍ରାୟନ ପେଣ୍ଡାଲ୍ ମଧ୍ୟରେ ଚନ୍ଦ୍ର, ରକେଟ୍, ଲ୍ୟାଣ୍ଡର୍, ରୋଭର୍, ଶ୍ରୀମନ୍ଦିର ପ୍ରତିକୃତି ରହିଛି, ଯାହାକି ଅଦରକାରୀ ସାମଗ୍ରୀରୁ ତିଆରି ହୋଇଛି। ପେସାରେ ସେ ଜଣେ ବ୍ୟବସାୟୀ। ପେଣ୍ଡାଲର ଉଚ୍ଚତା ସାଢେ ୩ ଫୁଟ୍ ଓ ଚଉଡ଼ା ୮ଫୁଟ୍ ରହିଥିବାବେଳେ ଏହାକୁ ତିଆରି କରିବାରେ ୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହ ଗଣେଶ ମୂର୍ତ୍ତି ସଜେଇବା ପାଇଁ ସମସ୍ତ ବସ୍ତ୍ର ଅର୍ଜୁନ ଓ ତାଙ୍କ ମାଆ ସୁଶିଳା ଦେବୀ ତିଆରି କରୁଛନ୍ତି ।

### ମୁଣ୍ଡଳୀରୁ ଟୋଲ ଗେଟ୍ ଉଠିଲା

#### ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ସାଧୁବାଦ

**ଆଠଗଡ,୧୮।୯(ସତ୍ୟ ପ୍ରସାଦ ରଥ)**

ରାଜ୍ୟ ସରକାରଙ୍କ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ୩୫ଟି ରାସ୍ତା ଓ ପୋଲରୁ ଟୋଲ ଗେଟ ଉଠାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପଶ୍ଚିମାଞ୍ଚଳକୁ କଟକ- ଭୁବନେଶ୍ୱର ସହ ସଂଯୋଗ କରୁଥିବା ଆଠଗଡ଼ ମୁଣ୍ଡଳୀ ବ୍ୟାରେଜ ନିକଟ ମହାନଦୀ ସେତୁରୁ ମଧ୍ୟ ଟୋଲ ଗେଟ ଉଠାଯାଇଛି। ମୁଣ୍ଡଳୀ ବ୍ୟାରେଜ ମହାନଦୀ ସେତୁଟି ୧୯୯୬ରୁ କାର୍ଯ୍ୟକ୍ଷମ ହୋଇଥିଲା। ଏହାପରଠାରୁ ରାଜ୍ୟ ସେତୁ ନିର୍ମାଣ ନିଗମ ପକ୍ଷରୁ ଟୋଲ ଆଦାୟ କରାଯାଉଥିଲା। ଅନେକ ସମୟରେ ଟୋଲ ଗେଟ୍ କର୍ମଚାରୀଙ୍କ ଦାଦାଗିରି ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ଏହି ଟୋଲ ଗେଟ ଉଚ୍ଛେଦକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଆଠଗଡ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଆଠଗଡ ଓକିଲ ସଂଘ ପୂର୍ବତନ ସଭାପତି ସତ୍ୟେନ ପଣ୍ଡା ପ୍ରମୁଖ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ରେଭେନ୍‌ଶା ଶିକ୍ଷକ ସଂଘ (ରୁଟା)ର କର୍ମକର୍ତ୍ତାମାନେ ସୋମବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟୁଛନ୍ତି ।

## ଏଲ୍‌ପିଜି ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

**କଟକ,୧୮।୯ (କାର୍ତ୍ତିକ ସାହୁ)**

**ଟଳିଲା ବଡ଼ ଧରଣର ବିପଦ**

ଏଲ୍‌ପିଜି ସିଲିଣ୍ଡର ବୋଝେଇ କରି ଯାଉଥିବା ଏକ ଟ୍ରକ୍ ସୋମବାର ସକାଳେ ୧୬ ନମ୍ବର ଜାତୀୟ ରାଜପଥର ଶିଖରପୁର ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ଏଥିରେ ଥିବା ସିଲିଣ୍ଡରଗୁଡ଼ିକ ବାହାରି ପଡ଼ିଥିଲା ବେଳେ କୌଣସି ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ନ ଥିଲା। ଫଳରେ ଏକ ବଡ଼ ଧରଣର ବିପଦ ଟଳିଗଲା ବୋଲି ନିଶ୍ଚିତ ହୋଇଛି। ଏନେଇ ଖବର ପାଇବା ପରେ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲା। ଅଗ୍ନିଶମ ବାହିନୀ ପରିସ୍ଥିତି ସୁରକ୍ଷିତ ଥିବା ନିଶ୍ଚିତ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଜଟଣୀସ୍ଥିତ ହିନ୍ଦୁସ୍ଥାନ ପେଟ୍ରୋଲିୟମର ବଟଲିଂ ପ୍ଲାଣ୍ଟରୁ ଏକ ସିଲିଣ୍ଡର ବୋଝେଇ ଟ୍ରକ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ପାଖାପାଖି ୩୪୨ଟି ଏଲ୍‌ପିଜି ସିଲିଣ୍ଡର ସେଥିରେ ଲଦା ହୋଇଥିଲା। ଟ୍ରକଟି ଶିଖରପୁର ପାଖରେ ଜାତୀୟ ରାଜପଥ ଅତିକ୍ରମ କଲାବେଳେ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଟ୍ରକ ଡାଲାରୁ ଶତାଧିକ ସିଲିଣ୍ଡର ବାହାରି ବିଛାଡ଼ି ହୋଇପଡ଼ିଥିଲା। ଏଭଳି ଦୃଶ୍ୟ ଦେଖିବା ପରେ ଯାତାୟାତ କରୁଥିବା ତଥା ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଦୋକାନ, ବଜାର ବନ୍ଦ ହୋଇଯାଇଥିଲା। ବ୍ୟବସାୟୀମାନେ ଦୂରକୁ ପଳାଇଥିଲେ। ଏହାଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଏନେଇ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଏବଂ ବକ୍ସିବଜାର ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ ଦୁଇଟି ଦମକଳ ଗାଡ଼ି ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲା। ସିଲିଣ୍ଡରଗୁଡ଼ିକର ଯାଞ୍ଚ କରାଯିବା ପରେ କୌଣସି ସିଲିଣ୍ଡରରୁ ଗ୍ୟାସ ଲିକ୍ ହେଉ ନ ଥିବା ଯାଞ୍ଚକାରୀ ଟିମ୍ ରିପୋର୍ଟ ଦେଇଥିଲେ। ସଭିଁଙ୍କୁ ଆଶ୍ୱସ୍ତି ମିଳିଥିଲା। ଏହାପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜଟଣୀରୁ ଆଉ ଏକ ଟ୍ରକ ଓ କର୍ମଚାରୀମାନେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ସିଲିଣ୍ଡରଗୁଡ଼ିକୁ ବାହାର କରି ଅନ୍ୟ ଟ୍ରକରେ କେନ୍ଦ୍ରାପଡ଼ାକୁ ପଠାଇଥିଲେ।



### କନ୍ଦରପୁର ଟୋଲ ଗେଟ ସ୍ଥାନରେ ଥିବା ହମ୍ପ୍‌ସ ହଟାଇବାକୁ ଦାବି

**କଟକ ସଦର,୧୮।୯(ସୁଶାନ୍ତ ଜେନା):** କଟକ- ପାରାଦୀପ ରାଜ୍ୟ ରାଜପଥ ନଂ-୧୨ର କନ୍ଦରପୁର ନିକଟରେ ଥିବା ଟୋଲ ଗେଟକୁ ରାଜ୍ୟ ସରକାର ଉଚ୍ଛେଦ କରିଛନ୍ତି। ଏନେଇ ରାଜ୍ୟ ପୂର୍ତ୍ତ ବିଭାଗ ପତ୍ର ସଂଖ୍ୟା ୧୫୫୬୯,୧୬/୯/୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଗେଟ ଉଚ୍ଛେଦ ହେବା ପରେ ଏଠାରେ ୩ ଥାକିଆ ହମ୍ପ୍‌ସ ରହିଛି। ଏହାକୁ ଅବିଳମ୍ବେ ହଟାଇବାକୁ ଦାବି ହେଉଛି। କାରଣ ରାତ୍ରିରେ ଗାଡ଼ି, ମୋଟର ଗତି ଏହି ସ୍ଥାନରେ ହମ୍ପ୍‌ସ ପାଇଁ ମନ୍ଥର ହୋଇଯାଇଛି। ଫଳରେ ରାହାଜାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଏହାବ୍ୟତୀତ ଏଠାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଥିଲା। ଏହାକୁ ଗ୍ରାମ ପଞ୍ଚାୟତ ଚାଲୁ ରଖିବାକୁ ଦାବି ଜୋର ଧରିଛି।

### କେନାଲରେ ପଡ଼ିଥିବା ଷଣ୍ଢ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୧୮।୯(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତ ଅନ୍ତର୍ଗତ ରହଂସଠାରେ ଏକ କେନାଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସୋମବାର ଅପରାହ୍ନ ଏକ ବୁଲା ଷଣ୍ଢ ସେଠାରେ ପଡ଼ିଯାଇଥିଲା। ଏନେଇ ବନ୍ଧୁପୁର ସମିତି ସଭ୍ୟ ବିଶ୍ୱଜିତ ସ୍ୱାଇଁ ନିଶ୍ଚିନ୍ତକୋଇଲି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉକ୍ତ ଷଣ୍ଢକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ଜଳସମ୍ପଦ ବିଭାଗ ଓ ପାଟନାଳୀ ବିଭାଗର ଦାୟିତ୍ୱ ହୀନତା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟାଦେଶ ବଣ୍ଟନ



**ଚୌଦ୍ୱାର,୧୮।୯(ଆଶୁତୋଷ ଦାସ)**

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (ଏସ୍‌ପିଏଫ୍)ରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗାନ୍ଧୀ ଛକସ୍ଥିତ ପୌର ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରପାଳିକାର ୧୯ ଗୋଟି ୱାର୍ଡରେ ୧ କୋଟି ୨୩ ଲକ୍ଷ ଟଙ୍କାର ୨୬ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଜେଡି ଜିଲା ଉପସଭାପତି ପ୍ରେମାଚନ୍ଦ ନାୟକ ଏଥିରେ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନଗର ସଭାପତି ବିଷ୍ଣୁଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ଜିଲା ଯୁବ ସମ୍ପାଦକ ଅର୍ଜୁନ ପଣ୍ଡା, କାଉନସିଲର ଅଜୟ ବେହେରା, ଦିଲୀପ ସାହୁ, ବିଜୟ ସାହୁ, ସବିତା ମାହାଳିଙ୍କ ସମେତ ବହୁ କାଉନସିଲର ଓ ଦଳୀୟକର୍ମୀ ଯୋଗ ଦେଇଥିଲେ। ଏଥିସହ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୫ ପଞ୍ଚାୟତରେ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୯ଟିପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଆଗ୍ରାହାଟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ। ନଖରାସ୍ଥିତ କନକେଶ୍ୱର ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଗତ ମାସ ୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିୟାନ ଚୌଦ୍ୱାର ଗସ୍ତରେ ଆସି ଏକ ସାଧାରଣ ସଭାରେ ସିଧାସଳଖ ଭାବେ ୱାର୍ଡଗୁଡ଼ିକରେ ଥିବା ସମସ୍ୟାର ଅଭିଯୋଗପତ୍ର ଲୋକଙ୍କଠାରୁ ଗ୍ରହଣ କରିବା ସହିତ ତୁରନ୍ତ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଯାଇଥିଲେ। ଯାହାର ଫଳସ୍ୱରୂପ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବିଧାୟକ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ

**ଚୌଦ୍ୱାର,୧୮।୯(ଆଶୁତୋଷ ଦାସ)**

ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ କଳିଙ୍ଗ ଛକସ୍ଥିତ ତ୍ରିନାଥ ମନ୍ଦିରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାଗୀରଥି ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ, ଅତିଥି ଶିକ୍ଷକଙ୍କୁ ବର୍ଦ୍ଧିତ ଭତ୍ତା, ଅଧିକ ଅତିଥି ଶିକ୍ଷକ ନିୟୋଜନ, ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥା କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ସଂଘର ପଞ୍ଜୀକରଣ, ଶିକ୍ଷକ ଭବନର ବିଦ୍ୟୁତିକରଣ ଓ ଶୌଚାଳୟ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ସୁକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହ ସମ୍ପାଦକ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ, କିଶୋର ମହାନ୍ତି, ପବିତ୍ର ମୋହନ ଜେନା, ଶିବ ପ୍ରସାଦ ପତି, ପ୍ରମୋଦ ନାୟକ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ମିଶ୍ର ଧନ୍ୟବାଦ ଦେଇଥିଲେ ।



ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକସଂଘର ସଦସ୍ୟମାନେ।

## ଅକ୍ଟୋବର ୬ରୁ ମା' ଭଟ୍ଟାରିକାଙ୍କ ୧୬ ଦିନାତ୍ମକପୂଜା

**ବଡ଼ମ୍ବା,୧୮।୯(ମାୟାଧର ମଲ୍ଲିକ)**

ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ମହାଷ୍ଟମୀ ପର୍ବ ଓ ୨୨ତମ ଭଟ୍ଟାରିକା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଭଟ୍ଟାରିକାସ୍ଥିତ ପାନ୍ଥଶାଳାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ଙ୍କ ମହାଷ୍ଟମୀ ପର୍ବ ଓ ମହୋତ୍ସବ ମହା ଆଡମ୍ବରରେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଅକ୍ଟୋବର ୬ରୁ ୨୩ ତାରିଖ ପର୍ଯ୍ୟନ୍ତ ପୀଠରେ ୧୬ ଦିନାତ୍ମକପୂଜା ସହିତ ମହାଷ୍ଟମୀ ପର୍ବ ପାଳନ କରାଯିବ। ଏହାର ଶେଷ ୫ ଦିନ ମହୋତ୍ସବ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ପୂଜା ସାମଗ୍ରୀ, ମନ୍ଦିର ଚୂନ ଧଉଳିବା, ଗଚ୍ଛିତ ସୁନା ଅଳଙ୍କାର ପୀଠରେ ପହଞ୍ଚାଇବା ଆଦି ମା'ଙ୍କ ପୂଜା ନୀତିକାନ୍ତି ଦାୟିତ୍ୱ ବଡ଼ମ୍ବା ଦେବୋତ୍ତର ବିଭାଗକୁ ପ୍ରଦାନ କରାଯାଇଛି। କୌଣସି କ୍ଷେତ୍ରରେ ଯେପରି ସମସ୍ୟା ଦେଖା ନ ଯାଏ ସେଥିପ୍ରତି ସଜାଗ ରହିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

ଭଟ୍ଟାରିକା ଆଞ୍ଚଳିକ ଉନ୍ନୟନ ପରିଷଦ ସମ୍ପାଦକ ସନାତନ ବେହେରା ସ୍ୱାଗତ ଭାଷଣ ଦେଇ ମହାଷ୍ଟମୀ ପର୍ବ ଓ ମହୋତ୍ସବ ଉପରେ ସୂଚନା ପ୍ରଦାନ କରିଥିବାବେଳେ ଭଟ୍ଟାରିକାଙ୍କ ମୁଖ୍ୟ ପୂଜକ ଶିରୀଶ ରଣା ମା'ଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ଭ୍ରମରବର ନାୟକ, ଭଟ୍ଟାରିକା ସରପଞ୍ଚ ଶତ୍ରୁଜିତ ପୁହାଣ, ସମିତିସଭ୍ୟ ସତ୍ୟବାନ ରଣା, କରଡ଼ିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ କୁମାର ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ସେଠୀ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଓ ସାମାଜିକ କର୍ମୀ ମଗୁଲି ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ମତ ପ୍ରଦାନ କରିଥିଲେ। ଦେବୋତ୍ତର କର୍ମଚାରୀ ବିପିନି ବିହାରୀ ପୂର୍ବରା, ମେଘନାଦ ସ୍ୱାଇଁ ଓ ତହସିଲ କର୍ମଚାରୀ ଶୈଳେନ୍ଦୁ ଶେଖର ନାୟକ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ଅତିଥିମାନେ।

# ଉତ୍ସବମୁଖର କଟକ ସହର

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**କଣ୍ଟାପଡ଼ା,୧୮।୯(ସୁରନାରାୟଣ ସାହୁ):** ଫୁଲନଖରା- ନିଆଳି ୬୦ ନଂ. ରାଜ୍ୟ ରାଜପଥର ଦାମୋଦରପୁର ନିକଟରେ ସୋମବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦପୁର ଥାନା ଅଧୀନ ପାଟସୁନ୍ଦରପୁର ନଈକୂଳ ସାହିର ତପନ ମହାନ୍ତି (୩୮)। ସୂଚନା ମୁତାବକ, ତପନ ଅଡଶପୁରରୁ କାମ ସାରି ସନ୍ଧ୍ୟା ୬ଟାବେଳେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଦାମୋଦରପୁର ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ସେ କଟକ ସହରର ଟ୍ରାଫିକ ପୋଲିସ ବିଭାଗର ଜଣେ କର୍ମଚାରୀ ବୋଲି ଜଣାପଡିଛି। ପାଟସୁନ୍ଦରପୁର ଗ୍ରାମବାସୀ ସରକାରୀ ସାହାଯ୍ୟ ଦାବିରେ ଘଟଣା ସ୍ଥଳରେ ରାସ୍ତାରୋକୋ କରିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଖବରପାଇ ଓଲଟପୁର ଓ ଗୋବିନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଖବର ଲେଖା ହେବା ବେଳକୁ ରାସ୍ତାରୋକୋ ଜାରି ରହିଛି।

### ମନୋରମା ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**ଆଠଗଡ଼,୧୮।୯ (ସତ୍ୟ ପ୍ରସାଦ ରଥ):** ଆଠଗଡ଼ ଡ. ରାଧାନାଥ ରଥ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟରେ କବୟିତ୍ରୀ, ସାହିତ୍ୟିକା, ଖବରଦାତା ତଥା ଶିକ୍ଷାବିତ୍ ମନୋରମା ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜ ଖବରକାଗଜର ପୂର୍ବତନ ସମ୍ପାଦକ ଡ.ସତ୍ୟ ରାୟ, ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ଡ. ନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ, ଡେପୁଟି କଲେକ୍ଟର ଦୀପ୍ତିମୟୀ ବେହେରା, ଗୋପବନ୍ଧୁ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର, ବରିଷ୍ଠ ଖବରଦାତା ମୁରଲୀଧର ସାମଲ ଯୋଗଦେଇ ମନୋରମାଙ୍କ ସ୍ମୃତି ଚାରଣ କରିଥିଲେ। କମିଟି ଆବାହକ ସୁଧିରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପାର୍ଥସାରଥୀ ପଟ୍ଟନାୟକ ସଂଯୋଜନା କରିଥିଲେ। ଶତେକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋପବନ୍ଧୁ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ମାନପତ୍ର ଏବଂ ବୃତ୍ତି ରାଶି ଦିଆଯାଇ ସମ୍ମାନିତ କରାଯାଇଥିଲା।

### ୭୫୨ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ମାଣିଆବନ୍ଧ, ୧୮।୯ (ଅଖିଳ କୁମାର ସାହୁ):** ମଧୁବାବୁ ପେନ୍‌ସନ ଯୋଜନାରେ ବଡ଼ମ୍ବା ବ୍ଲକ ୩୧ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ୧୪ଟି ପଞ୍ଚାୟତର ୭୫୨ ଜଣ ନୂତନ ହିତାଧିକାରୀଙ୍କୁ ସୋମବାର ଭତ୍ତା ବଣ୍ଟନ କରାଯାଇଛି। ବଡ଼ମ୍ବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମିତା ସାହୁ ଓ ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ଜୋନ ଅନ୍ତର୍ଗତ ସାନବାରସିଂହ ପଞ୍ଚାୟତ କାର୍ଯ୍ୟାଳୟ, ମାଣିଆବନ୍ଧ ଦୋଳମଣ୍ଡପ ଓ ଅଭିମାନପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ପୃଥକ୍ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରିବା ସହ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷଙ୍କ ପ୍ରତିନିଧି ସୁଶାନ୍ତ ଜେନା, ସ୍ଥାନୀୟ ଜିଲା ପରିଷଦ ପ୍ରତିନିଧି ମଗୁଲି ସାହୁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସନ୍ତରାବାଳୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ।

### ରାଜସ୍ଥାନୀ ମିରର୍ ଆକୃତିର ଗଣେଶ ପେଣ୍ଡାଲ

**କଟକ,୧୮।୯(ସୁପ୍ରିୟା ପ୍ରିୟଦର୍ଶନୀ)**

କଟକ ମଙ୍ଗଳାବାଗ ମହ୍ଲାସାହିର ଚନ୍ଦ୍ରପ୍ରକାଶ ରାଉତ ତିଆରି କରିଛନ୍ତି ରାଜସ୍ଥାନୀ ମିରର୍ ଆକୃତିର ଗଣେଶ ପେଣ୍ଡାଲ। ବୈରାଗୀ ରାଉତରାୟ ଓ କଳ୍ପନା ରାଉତାୟଙ୍କ ପୁଅ ଚନ୍ଦ୍ରପ୍ରକାଶ। ସେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୨୦୧୬ ବ୍ୟାଚ୍‌ର ଛାତ୍ର। ଏବେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ୨୦୦୨ ମସିହାରୁ ଚନ୍ଦ୍ରପ୍ରକାଶଙ୍କ ଘରେ ଗଣେଶ ପୂଜା ଆରମ୍ଭ ହୋଇଥିଲା। ୨୦୧୦ ମସିହାରୁ ନିଜ ସଞ୍ଚିତ ଅର୍ଥରୁ ପ୍ରତ୍ୟେକ ବର୍ଷ କରି ପୂଜା ଆସୁଛନ୍ତି। ଶ୍ରାବଣ ମାସ ପ୍ରଥମ ସୋମବାର ମାଟି ଅନୁକୂଳ କରି ଘରେ ମାଟି ଓ ଗୁଆ ରଖିଥାନ୍ତି। ପରେ ଆରମ୍ଭ କରିଥାନ୍ତି ଗଣେଶଙ୍କ ମୂର୍ତ୍ତି ତିଆରି କାମ। ଆଜିକୁ ୧୩ ବର୍ଷ ହେବ ନିଜ ଘରେ ଗଣେଶ ପୂଜା କରି ଆସୁଛନ୍ତି। ୮ ଫୁଟ୍ ଉଚ୍ଚର ପେଣ୍ଡାଲ ରହିଥିବା ବେଳେ ପେଣ୍ଡାଲ୍ ତିଆରିରେ ସୋଲ, କାର୍ଡବୋର୍ଡ ଓ ବହୁସଂଖ୍ୟକ ମିରର୍ ଓ ରଙ୍ଗ ବ୍ୟବହାର କରାଯାଇଛି।

### ବୁଢ଼ା ଗଣେଶଙ୍କ ଶାଢ଼ି ଚଢ଼ା ପରମ୍ପରା

ବଣିଆସାହିରେ ମଦନମୋହନ ସମିତି ପକ୍ଷରୁ ପୂଜା ପାଉଛନ୍ତି ସହରର ସର୍ବପୁରାତନ ତଥା ପ୍ରଥମ ବୁଢ଼ା ଗଣେଶ। ଏଠାରେ ୫ଶହ ବର୍ଷର ନୀତିକାନ୍ତି ଏବେ ବି ଉଜ୍ଜୀବିତ ରହିଛି। ପରମ୍ପରା ଅନୁଯାୟୀ, ଚିତାଲାଗି ଅମାବାସ୍ୟା ଦିନ ମହାନଦୀ କୂଳରୁ ବୁଢ଼ା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ମାଟି ଉଠାଯାଏ। ଏଠାରେ ମାନସିକଧାରୀଙ୍କ ଶାଢି ଚଢାଇବା ନେଇ ଏକ ନିଆରା ପରମ୍ପରା ରହିଛି। ମାନସିକ ପୂରଣ ହୋଇଥିବା ବ୍ୟକ୍ତି ଶାଢି ଚଢାଇଥା'ନ୍ତି। ୨୦୫୬ ମସିହା ପର୍ଯ୍ୟନ୍ତ ଶାଢି ଚଢାଇବା ମାନସିକଧାରୀଙ୍କର ଏକ ତାଲିକା ତିଆରି ହୋଇ କମିଟି ପାଖରେ ରହିଛି। ଚଳିତବର୍ଷ ୨୦ ବର୍ଷ ପୂର୍ବେ ମାନସିକ କରିଥିବା ଶ୍ରଦ୍ଧାଳୁ ଏହି ଶାଢି ଚଢ଼ାଇବେ। ବଣିଆ ସାହି ଅଞ୍ଚଳର ପ୍ରମୋଦ ମହାରଣାଙ୍କ ଶାଢି ଚଢ଼ାଇବା ପାଳି ରହିଛି। ଶାଢି ଚଢ଼ାଇବା ବ୍ୟକ୍ତି ଘାଣ୍ଟ ପ୍ରସାଦ ପାଇଁ ଦକ୍ଷତା ଅନୁସାରେ ସହାୟତା କରିଥା'ନ୍ତି। ବଣିଆସାହି ବୁଢ଼ା ଗଣେଶ ପୂଜା କମିଟି ସଭାପତି ଶିବେନ୍ଦ୍ର ହାତୀଙ୍କ କହିବା ଅନୁସାରେ, ଏହା ସହରର ସର୍ବପ୍ରାଚୀନ ବୁଢା ଗଣେଶ। ଏଠାରେ ମାନସିକ କରି କେହି ଖାଲି ହାତରେ ଫେରିନାହାନ୍ତି।


କେଶରପୁର ଗୁଜୁରାତି କଲୋନୀରେ ପ୍ରସ୍ତୁତ ଚନ୍ଦ୍ରଯାନ-୩ର ପେଣ୍ଡାଲ୍।

### ଶ୍ରୀମନ୍ଦିର ସହ ଚନ୍ଦ୍ରଯାନ-୩ର ପେଣ୍ଡାଲ୍

ଅଦରକାରୀ ସାମଗ୍ରୀରୁ ଆକର୍ଷଣୀୟ ତୋରଣ ପ୍ରସ୍ତୁତକରି ଚର୍ଚ୍ଚାରେ କେଶରପୁର ଗୁଜୁରାତି କଲୋନୀର ବାସିନ୍ଦା ସୁଶିଳାଦେବୀ ତିବ୍ରେୱାଲ ଓ ସ୍ୱର୍ଗତ ଯୁଗଳ କିଶୋର ତିବ୍ରେୱାଲଙ୍କ ପୁଅ ଅର୍ଜୁନ ତିବ୍ରେୱାଲ। ସେ ଗଣେଶ ପୂଜା ପାଇଁ ଚନ୍ଦ୍ରଯାନ-୩ର ପେଣ୍ଡାଲ୍ ତିଆରି କରିଛନ୍ତି। ଚନ୍ଦ୍ରାୟନ ପେଣ୍ଡାଲ୍ ମଧ୍ୟରେ ଚନ୍ଦ୍ର, ରକେଟ୍, ଲ୍ୟାଣ୍ଡର୍, ରୋଭର୍, ଶ୍ରୀମନ୍ଦିର ପ୍ରତିକୃତି ରହିଛି, ଯାହାକି ଅଦରକାରୀ ସାମଗ୍ରୀରୁ ତିଆରି ହୋଇଛି। ପେସାରେ ସେ ଜଣେ ବ୍ୟବସାୟୀ। ପେଣ୍ଡାଲର ଉଚ୍ଚତା ସାଢେ ୩ ଫୁଟ୍ ଓ ଚଉଡ଼ା ୮ ଫୁଟ୍ ରହିଥିବାବେଳେ ଏହାକୁ ତିଆରି କରିବାରେ ୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହ ଗଣେଶ ମୂର୍ତ୍ତି ସଜେଇବା ପାଇଁ ସମସ୍ତ ବସ୍ତ୍ର ଅର୍ଜୁନ ଓ ତାଙ୍କ ମାଆ ସୁଶିଳା ଦେବୀ ତିଆରି କରୁଛନ୍ତି ।

## ମୁଣ୍ଡଳୀରୁ ଟୋଲ ଗେଟ୍ ଉଠିଲା

### ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କୁ ସାଧୁବାଦ

**ଆଠଗଡ,୧୮।୯(ସତ୍ୟ ପ୍ରସାଦ ରଥ)**

ରାଜ୍ୟ ସରକାରଙ୍କ କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ୩୫ଟି ରାସ୍ତା ଓ ପୋଲରୁ ଟୋଲ ଗେଟ ଉଠାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପଶ୍ଚିମାଞ୍ଚଳକୁ କଟକ- ଭୁବନେଶ୍ୱର ସହ ସଂଯୋଗ କରୁଥିବା ଆଠଗଡ଼ ମୁଣ୍ଡଳୀ ବ୍ୟାରେଜ ନିକଟ ମହାନଦୀ ସେତୁରୁ ମଧ୍ୟ ଟୋଲ ଗେଟ ଉଠାଯାଇଛି। ମୁଣ୍ଡଳୀ ବ୍ୟାରେଜ ମହାନଦୀ ସେତୁଟି ୧୯୯୬ରୁ କାର୍ଯ୍ୟକ୍ଷମ ହୋଇଥିଲା। ଏହାପରଠାରୁ ରାଜ୍ୟ ସେତୁ ନିର୍ମାଣ ନିଗମ ପକ୍ଷରୁ ଟୋଲ ଆଦାୟ କରାଯାଉଥିଲା। ଅନେକ ସମୟରେ ଟୋଲ ଗେଟ୍ କର୍ମଚାରୀଙ୍କ ଦାଦାଗିରି ଯୋଗୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲା। ଏହି ଟୋଲ ଗେଟ ଉଚ୍ଛେଦକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଆଠଗଡ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଆଠଗଡ ଓକିଲ ସଂଘ ପୂର୍ବତନ ସଭାପତି ସତ୍ୟେନ ପଣ୍ଡା ପ୍ରମୁଖ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ରେଭେନ୍‌ଶା ଶିକ୍ଷକ ସଂଘ (ରୁଟା)ର କର୍ମକର୍ତ୍ତାମାନେ ସୋମବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟୁଛନ୍ତି ।

## ଏଲ୍‌ପିଜି ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

**କଟକ,୧୮।୯ (କାର୍ତ୍ତିକ ସାହୁ)**

### ଟଳିଲା ବଡ଼ ଧରଣର ବିପଦ

ଏଲ୍‌ପିଜି ସିଲିଣ୍ଡର ବୋଝେଇ କରି ଯାଉଥିବା ଏକ ଟ୍ରକ୍ ସୋମବାର ସକାଳେ ୧୬ ନମ୍ବର ଜାତୀୟ ରାଜପଥର ଶିଖରପୁର ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ଏଥିରେ ଥିବା ସିଲିଣ୍ଡରଗୁଡିକ ବାହାରି ପଡ଼ିଥିଲା ବେଳେ କୌଣସି ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ନ ଥିଲା। ଫଳରେ ଏକ ବଡ଼ ଧରଣର ବିପଦ ଟଳିଗଲା ବୋଲି ନିଶ୍ଚିତ ହୋଇଛି। ଏନେଇ ଖବର ପାଇବା ପରେ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲା। ଅଗ୍ନିଶମ ବାହିନୀ ପରିସ୍ଥିତି ସୁରକ୍ଷିତ ଥିବା ନିଶ୍ଚିତ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଜଟଣୀସ୍ଥିତ ହିନ୍ଦୁସ୍ଥାନ ପେଟ୍ରୋଲିୟମର ବଟଲିଂ ପ୍ଲାଣ୍ଟରୁ ଏକ ସିଲିଣ୍ଡର ବୋଝେଇ ଟ୍ରକ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିଲା। ପାଖାପାଖି ୩୪୨ଟି ଏଲ୍‌ପିଜି ସିଲିଣ୍ଡର ସେଥିରେ ଲଦା ହୋଇଥିଲା। ଟ୍ରକଟି ଶିଖରପୁର ପାଖରେ ଜାତୀୟ ରାଜପଥ ଅତିକ୍ରମ କଲାବେଳେ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଟ୍ରକ ଡାଲାରୁ ଶତାଧିକ ସିଲିଣ୍ଡର ବାହାରି ବିଛାଡ଼ି ହୋଇପଡ଼ିଥିଲା। ଏଭଳି ଦୃଶ୍ୟ ଦେଖିବା ପରେ ଯାତାୟାତ କରୁଥିବା ତଥା ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଦୋକାନ, ବଜାର ବନ୍ଦ ହୋଇଯାଇଥିଲା। ବ୍ୟବସାୟୀମାନେ ଦୂରକୁ ପଳାଇଥିଲେ। ଏହାଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଏନେଇ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଏବଂ ବକ୍ସିବଜାର ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ ଦୁଇଟି ଦମକଳ ଗାଡ଼ି ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲା। ସିଲିଣ୍ଡରଗୁଡ଼ିକର ଯାଞ୍ଚ କରାଯିବା ପରେ କୌଣସି ସିଲିଣ୍ଡରରୁ ଗ୍ୟାସ ଲିକ୍ ହେଉ ନ ଥିବା ଯାଞ୍ଚକାରୀ ଟିମ୍ ରିପୋର୍ଟ ଦେଇଥିଲେ। ସଭିଁଙ୍କୁ ଆଶ୍ୱସ୍ତି ମିଳିଥିଲା। ଏହାପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜଟଣୀରୁ ଆଉ ଏକ ଟ୍ରକ ଓ କର୍ମଚାରୀମାନେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ସିଲିଣ୍ଡରଗୁଡ଼ିକୁ ବାହାର କରି ଅନ୍ୟ ଟ୍ରକରେ କେନ୍ଦ୍ରାପଡ଼ାକୁ ପଠାଇଥିଲେ।



### କନ୍ଦରପୁର ଟୋଲ ଗେଟ ସ୍ଥାନରେ ଥିବା ହମ୍ପ୍‌ସ ହଟାଇବାକୁ ଦାବି

**କଟକ ସଦର,୧୮।୯(ସୁଶାନ୍ତ ଜେନା):** କଟକ- ପାରାଦୀପ ରାଜ୍ୟ ରାଜପଥ ନଂ-୧୨ର କନ୍ଦରପୁର ନିକଟରେ ଥିବା ଟୋଲ ଗେଟକୁ ରାଜ୍ୟ ସରକାର ଉଚ୍ଛେଦ କରିଛନ୍ତି। ଏନେଇ ରାଜ୍ୟ ପୂର୍ତ୍ତ ବିଭାଗ ପତ୍ର ସଂଖ୍ୟା ୧୫୫୬୯,୧୬/୯/୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଗେଟ ଉଚ୍ଛେଦ ହେବା ପରେ ଏଠାରେ ୩ ଥାକିଆ ହମ୍ପ୍‌ସ ରହିଛି। ଏହାକୁ ଅବିଳମ୍ବେ ହଟାଇବାକୁ ଦାବି ହେଉଛି। କାରଣ ରାତ୍ରିରେ ଗାଡ଼ି, ମୋଟର ଗତି ଏହି ସ୍ଥାନରେ ହମ୍ପ୍‌ସ ପାଇଁ ମନ୍ଥର ହୋଇଯାଇଛି। ଫଳରେ ରାହାଜାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଏହାବ୍ୟତୀତ ଏଠାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଥିଲା। ଏହାକୁ ଗ୍ରାମ ପଞ୍ଚାୟତ ଚାଲୁ ରଖିବାକୁ ଦାବି ଜୋର ଧରିଛି।

### କେନାଲରେ ପଡ଼ିଥିବା ଷଣ୍ଢ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୧୮।୯(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧୁପୁର ପଞ୍ଚାୟତ ଅନ୍ତର୍ଗତ ରହଂସଠାରେ ଏକ କେନାଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସୋମବାର ଅପରାହ୍ନ ଏକ ବୁଲା ଷଣ୍ଢ ସେଠାରେ ପଡ଼ିଯାଇଥିଲା। ଏନେଇ ବନ୍ଧୁପୁର ସମିତି ସଭ୍ୟ ବିଶ୍ୱଜିତ ସ୍ୱାଇଁ ନିଶ୍ଚିନ୍ତକୋଇଲି ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉକ୍ତ ଷଣ୍ଢକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ଜଳସମ୍ପଦ ବିଭାଗ ଓ ପାଟନାଳୀ ବିଭାଗର ଦାୟିତ୍ୱ ହୀନତା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟାଦେଶ ବଣ୍ଟନ



**ଚୌଦ୍ୱାର,୧୮।୯(ଆଶୁତୋଷ ଦାସ)**

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (ଏସ୍‌ପିଏଫ୍)ରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗାନ୍ଧୀ ଛକସ୍ଥିତ ପୌର ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରପାଳିକାର ୧୯ ଗୋଟି ୱାର୍ଡରେ ୧ କୋଟି ୨୩ ଲକ୍ଷ ଟଙ୍କାର ୨୬ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବିଜେଡି ଜିଲା ଉପସଭାପତି ପ୍ରେମାଚନ୍ଦ ନାୟକ ଏଥିରେ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନଗର ସଭାପତି ବିଷ୍ଣୁଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଲ ବେଉରା, ଜିଲା ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, କାଉନସିଲର ଅଜୟ ବେହେରା, ଦିଲୀପ ସାହୁ, ବିଜୟ ସାହୁ, ସବିତା ମାହାଳିଙ୍କ ସମେତ ବହୁ କାଉନସିଲର ଓ ଦଳୀୟକର୍ମୀ ଯୋଗ ଦେଇଥିଲେ। ଏଥିସହ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୫ ପଞ୍ଚାୟତରେ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୯ଟିପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଆଗ୍ରାହାଟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ। ନଖରାସ୍ଥିତ କନକେଶ୍ୱର ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଗତ ମାସ ୮ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିୟାନ ଚୌଦ୍ୱାର ଗସ୍ତରେ ଆସି ଏକ ସାଧାରଣ ସଭାରେ ସିଧାସଳଖ ଭାବେ ୱାର୍ଡଗୁଡ଼ିକରେ ଥିବା ସମସ୍ୟାର ଅଭିଯୋଗପତ୍ର ଲୋକଙ୍କଠାରୁ ଗ୍ରହଣ କରିବା ସହିତ ତୁରନ୍ତ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଯାଇଥିଲେ। ଯାହାର ଫଳସ୍ୱରୁପ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବିଧାୟକ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ

**ଚୌଦ୍ୱାର,୧୮।୯(ଆଶୁତୋଷ ଦାସ)**

ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ କଳିଙ୍ଗ ଛକସ୍ଥିତ ତ୍ରିନାଥ ମନ୍ଦିରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାଗୀରଥି ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ, ଅତିଥି ଶିକ୍ଷକଙ୍କୁ ବର୍ଦ୍ଧିତ ଭତ୍ତା, ଅଧିକ ଅତିଥି ଶିକ୍ଷକ ନିୟୋଜନ, ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପରିଚାଳନା ବ୍ୟବସ୍ଥା କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ସଂଘର ପଞ୍ଜୀକରଣ, ଶିକ୍ଷକ ଭବନର ବିଦ୍ୟୁତିକରଣ ଓ ଶୌଚାଳୟ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ସୁକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହ ସମ୍ପାଦକ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ, କିଶୋର ମହାନ୍ତି, ପବିତ୍ର ମୋହନ ଜେନା, ଶିବ ପ୍ରସାଦ ପତି, ପ୍ରମୋଦ ନାୟକ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ମିଶ୍ର ଧନ୍ୟବାଦ ଦେଇଥିଲେ ।


ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକସଂଘର ସଦସ୍ୟମାନେ।

## ଅକ୍ଟୋବର ୬ରୁ ମା' ଭଟ୍ଟାରିକାଙ୍କ ୧୬ ଦିନାତ୍ମକପୂଜା

**ବଡ଼ମ୍ବା,୧୮।୯(ମାୟାଧର ମଲ୍ଲିକ)**

ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ମହାଷ୍ଟମୀ ପର୍ବ ଓ ୨୨ତମ ଭଟ୍ଟାରିକା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଭଟ୍ଟାରିକାସ୍ଥିତ ପାନ୍ଥଶାଳାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ଙ୍କ ମହାଷ୍ଟମୀ ପର୍ବ ଓ ମହୋତ୍ସବ ମହା ଆଡମ୍ବରରେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଅକ୍ଟୋବର ୬ରୁ ୨୩ ତାରିଖ ପର୍ଯ୍ୟନ୍ତ ପୀଠରେ ୧୬ ଦିନାତ୍ମକପୂଜା ସହିତ ମହାଷ୍ଟମୀ ପର୍ବ ପାଳନ କରାଯିବ। ଏହାର ଶେଷ ୫ ଦିନ ମହୋତ୍ସବ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ପୂଜା ସାମଗ୍ରୀ, ମନ୍ଦିର ଚୂନ ଧଉଳିବା, ଗଚ୍ଛିତ ସୁନା ଅଳଙ୍କାର ପୀଠରେ ପହଞ୍ଚାଇବା ଆଦି ମା'ଙ୍କ ପୂଜା ନୀତିକାନ୍ତି ଦାୟିତ୍ୱ ବଡ଼ମ୍ବା ଦେବୋତ୍ତର ବିଭାଗକୁ ପ୍ରଦାନ କରାଯାଇଛି। କୌଣସି କ୍ଷେତ୍ରରେ ଯେପରି ସମସ୍ୟା ଦେଖା ନ ଯାଏ ସେଥିପ୍ରତି ସଜାଗ ରହିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।


ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ଅତିଥିମାନେ।

ଭଟ୍ଟାରିକା ଆଞ୍ଚଳିକ ଉନ୍ନୟନ ପରିଷଦ ସମ୍ପାଦକ ସନାତନ ବେହେରା ସ୍ୱାଗତ ଭାଷଣ ଦେଇ ମହାଷ୍ଟମୀ ପର୍ବ ଓ ମହୋତ୍ସବ ଉପରେ ସୂଚନା ପ୍ରଦାନ କରିଥିବାବେଳେ ଭଟ୍ଟାରିକାଙ୍କ ମୁଖ୍ୟ ପୂଜକ ଶିରୀଶ ରଣା ମା'ଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ଭ୍ରମରବର ନାୟକ, ଭଟ୍ଟାରିକା ସରପଞ୍ଚ ଶତ୍ରୁଜିତ ପୁହାଣ, ସମିତିସଭ୍ୟ ସତ୍ୟବାନ ରଣା, କରଡ଼ିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ କୁମାର ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ସେଠୀ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଓ ସାମାଜିକ କର୍ମୀ ମଗୁଲି ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ମତ ପ୍ରଦାନ କରିଥିଲେ। ଦେବୋତ୍ତର କର୍ମଚାରୀ ବିପିନି ବିହାରୀ ପୂର୍ବିରା, ମେଘନାଦ ସ୍ୱାଇଁ ଓ ତହସିଲ କର୍ମଚାରୀ ଶୈଳେନ୍ଦୁ ଶେଖର ନାୟକ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ୫ ହଜାର ଏକର ଚାଷଜମି ଜଳମଗ୍ନ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ନିରାକାରପୁର, ୧୮।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ହୀରାକୁଦର ୨୪ଟି ଗେଟ୍ ଖୋଲିବା ପରେ ମହାନଦୀ ଫୁଲୁଛି। ଏହାର ଶାଖା ନଦୀ ରାଜୁଆ ନଦୀର ପଛୁଆଜଳ ଖୋର୍ଦ୍ଧା ବ୍ଲକର ଓରବରସିଂ ପଞ୍ଚାୟତର ପ୍ରବେଶ କରିବାରୁ ୧୦ ଗ୍ରାମର ଚାଷଜମି ଜଳମଗ୍ନ ହୋଇଛି। ହିରିମୂଳ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ହିରିମୂଳ ରାସ୍ତାରେ ୫ଫୁଟ ଉଚ୍ଚରେ ପାଣି ଚାଲିଥିବା ବେଳେ ଚାଷଜମିରେ ୮ଫୁଟ ପାଣି ରହିଛି। ରବିବାର ବିଳମ୍ବିତ ରାତିରେ ପାଣି ପଶିଥିବା ଜଣାପଡିଛି। ହିରିମୂଳ-ଡିହଖଳା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏକର ଏକର ଚାଷ ଜମିରେ ପାଣି ମାଡିଯାଇଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ରାତିରେ ପାଣି ବଢିବା ସମ୍ଭାବନା ରହିଛି। ପାଣି ଅଧିକ ହେଲେ, ଡଙ୍ଗା ଚଳାଚଳ ବ୍ୟବସ୍ଥା କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ରାଜୁଆ ପଛୁଆ ଜଳ ପ୍ରବେଶ ଫଳରେ ଓରବରସିଂ ପଞ୍ଚାୟତର ଓରବରସିଂ, ହିରିମୂଳ, ଡିହଖଳା, ମଶାଣିଆ, ଧବଳପୁର, ବଳପୁର, ରାୟପୁର, ତେନ୍ତୁଳିମୂଳ ସମେତ ପୁରୀ ଜିଲା କଣାସ ବ୍ଲକ ନିକଟବର୍ତ୍ତି ଗ୍ରାମ କଣାସ, ଶବଳଙ୍ଗ, କୁମାରବସ୍ତ, ବାଲିପାଟଣା, ଦୋଖଣ୍ଡା ଆଦି ମୋଟ୍ ୧୫ ଗ୍ରାମର ୫ ହଜାରରୁ ଉର୍ଦ୍ଧ୍ୱ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧାନ ଫସଲ ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ କହିଛନ୍ତି। ରାତି ବଢିବା ସହ ଲୋକଙ୍କ ଦୁର୍ଦ୍ଦଶା ମଧ୍ୟ ବଢିଛି।



ଚାଷଜମି ବନ୍ୟାଜଳରେ ବୁଡ଼ିରହିଛି।



ରାସ୍ତା ବୁଡ଼ି ପାଣି ଚାଲୁଛି।

ବନ୍ୟାଜଳରେ ସାପ, ହିଂସ୍ରଜନ୍ତୁ ଯାତାୟାତ କରୁଛନ୍ତି। ଫଳରେ ଲୋକେ ପାଣିରେ ପଶି ଯାତାୟାତ କରିବାକୁ ଭୟ କରୁଛନ୍ତି। ସେପଟେ ଗୋରୁଗାଇ ମଧ୍ୟ ପ୍ରଭାବିତ ହୋଇଛନ୍ତି। ରାସ୍ତାରେ, ଚାଷଜମିରେ ପାଣି ଜମି ରହିଥିବାରୁ ଗ୍ରାମବାସୀ ବାହାରକୁ ବାହାରି ପାରୁନାହାନ୍ତି। ଫଳରେ ଗୋଖାଦ୍ୟ ଆଣି ପାରିନାହାନ୍ତି। ଗୋରୁଗାଇ ଉପାସରେ ରହିଥିବା ଗ୍ରାମବାସୀ କହିଛନ୍ତି।

କୃଷକନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ସ୍ୱଳ୍ପ ବୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ, ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଚାଷୀ ଧାରକରଜ କରି ଚାଷ କରିଥିଲେ। ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡି ଏକର ଏକର ଚାଷଜମି ଜଳମଗ୍ନ ହୋଇଥିଲା। ଚାଷୀ ଲକ୍ଷାଧିକ ଟଙ୍କା କ୍ଷତି ସହିଥିଲେ। ଚାଷୀ ଅଣ୍ଟା ସଳଖିବା ବେଳେ ପୁଣି ଥରେ ମହାନଦୀ ଜଳ ପ୍ରବେଶ କରି ସବୁ କିଛି ଛାରଖାର କରିଦେଲା। ଏହାର ପ୍ରତିକାର ପାଇଁ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଚାଷୀମାନେ ପ୍ରତିବର୍ଷ କ୍ଷତି ସହୁଛନ୍ତି। ଡିହଖଳାର ସର୍ବେଶ୍ୱର ମାର୍ଥା କହିଛନ୍ତି, ବନ୍ୟାଜଳ ମାଡି ହଜାର ହଜାର ଚାଷଜମି ଏବେ ଜଳମଗ୍ନ ହୋଇଛି। ଧାରକରଜ କରି ଧାନ ବୁଣିଥିଲୁ। ଚାଷଜମି ସବୁ ଉଜୁଡିଗଲା। ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ଯାହା କ୍ଷତିପୂରଣ ଦିଆଯାଏ, ତାହା ସମୁଦ୍ରକୁ ଶଙ୍ଖେ। କ୍ଷତିପୂରଣ ଟଙ୍କା ପାଇବା ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡିବାକୁ ପଡିଥାଏ। ସେହିପରି ହିରିମୂଳର ଅରବିନ୍ଦ ମଙ୍ଗରାଜ କୁହନ୍ତି, ରାଜୁଆ ନଦୀ ଏହି ପଞ୍ଚାୟତ ପାଇଁ ଦୁଃଖ ପାଲଟିଛି। ଏଠାରେ ଘେରିବନ୍ଧ ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଜିଲା ପ୍ରଶାସନର ଅବହେଳାରୁ ହିରିମୂଳ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିରିମୂଳର କଂଗ୍ରେସ ମାର୍ଥା କୁହନ୍ତି, ଏହି ସମସ୍ୟା ପିଲାବେଳୁ ଦେଖି ଆସୁଛୁ। ପ୍ରତିବର୍ଷ ପ୍ରତିଶ୍ରୁତି ଦିଆଯାଉଛି, ହେଲେ କୌଣସି ପ୍ରତିକାର କରାଯାଉନାହିଁ। ରାଜୁଆ ପଛୁଆ ଜଳକୁ ସଂରକ୍ଷଣ କରି ଜଳସେଚନ ବ୍ୟବସ୍ଥା କରାଗଲେ, ଗ୍ରାମବାସୀ ଉପକୃତ ହେବେ। ଡିହଖଳାର କୈଳାଶ ରାଉତରାୟ କୁହନ୍ତି, ପ୍ରତିବର୍ଷ ବନ୍ୟା ହେଉଛି। ଉକ୍ତ ସମୟରେ ରାଜନେତା, ପ୍ରଶାସନିକ ଅଧିକାରୀ ଆସି ପ୍ରତିଶ୍ରୁତି ଦେଉଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ହିରିମୂଳର ସୁବାସ ସିଂ କୁହନ୍ତି, ରବିବାର ବିଳମ୍ବିତ ରାତିରେ ପାଣି ଗ୍ରାମରେ ପଶିଛି। ହିରିମୂଳ ଗ୍ରାମ ସମ୍ପୂର୍ଣ୍ଣ ଭାବେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତା ବୁଡିବା ସହ ଚାଷଜମି ନଷ୍ଟ ହୋଇଗଲା। କିପରି ଚଳିବୁ ତାହାକୁ ନେଇ ଚିନ୍ତା ରହିଛି। ଘେରିବନ୍ଧ ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ। ଓରବରସିଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଧନଞ୍ଜୟ ଛୋଟରାୟ କହିଛନ୍ତି, ରବିବାର ରାତିରୁ ପାଣି ପଶିଛି। ଏହି ପଞ୍ଚାୟତର ୧୦ଖଣ୍ଡ ଗ୍ରାମର ଚାଷଜମି ଜଳମଗ୍ନ ହୋଇଛି। ହିରିମୂଳ ଗ୍ରାମ ରାସ୍ତାରେ ପାଣି ଜମିଛି। ଏସ୍‌ଆରସି ପକ୍ଷରୁ ୨ଡଙ୍ଗା ପ୍ରସ୍ତୁତ ହୋଇ ରହିଛି। ପାଣି ବଢିଲେ, ଡଙ୍ଗା ଚଳାଚଳ କରିବ। ଏନେଇ ବିଡିଓଙ୍କୁ ଅବଗତ କରାଯାଇଛି। ଆବଶ୍ୟକ ପଡିଲେ ରନ୍ଧାଖାଦ୍ୟର ମଧ୍ୟ ବ୍ୟବସ୍ଥା କରାଯିବ।

**ହିରିମୂଳ ବାହ୍ୟଜଗତରୁ ବିଚ୍ଛିନ୍ନ**

- ରାତି ହେଲେ ବଢୁଛି ଦୁର୍ଦ୍ଦଶା
- ଆବଶ୍ୟକ ପଡ଼ିଲେ ରନ୍ଧାଖାଦ୍ୟର ବ୍ୟବସ୍ଥା ହେବ

## ସଂକ୍ଷେପରେ

### ବଜ୍ରପାତରେ ମନ୍ଦିରରେ ଫାଟ



ଗମ୍ଭାରୀମୁଣ୍ଡା,୧୮।୯(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡାରେ ସୋମବାର ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଫଳରେ ବଜାରସାହି ସ୍ଥିତ ପୁରାତନ ମା'ଆଙ୍କୁଲେଇଙ୍କ ମନ୍ଦିରରେ ଫାଟ ହେବା ସହ କିଛି ଅଂଶ ଭାଙ୍ଗି ତଳେ ପଡ଼ିଥିଲା। ଫଳରେ ସେଠାରେ ଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ମନ୍ଦିର ଉପରେ ବଜ୍ରପାତ ପଡିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ରାଜପଥ ପାର୍ଶ୍ୱରୁ ଅଚେତ୍ ଯୁବତୀ ଉଦ୍ଧାର

ବାଲୁଗାଁ,୧୮।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ ରାସ୍ତା ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣ କୁଶଡ଼ିହ ଛକ ନିକଟରୁ ସୋମବାର ସଂଜ୍ଞାହୀନ ଅବସ୍ଥାରେ ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ତେବେ ଯୁବତୀଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଇଥିବା ବେଳେ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ବ୍ରାହ୍ମଣ କୁଶଡ଼ିହ ଛକ ସ୍ଥିତ ରାଜପଥ ଡିଭାଇଡର ପାର୍ଶ୍ୱରେ ଯୁବତୀ ଜଣକ ବହୁ ସମୟ ଧରି ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ପଥଚାରୀ ଦେଖିଥିଲେ ମଧ୍ୟ ନିକଟକୁ ଯାଇନଥିଲେ। ନିକଟ ଗ୍ରାମର ଜଣେ ସାମାଜିକ କର୍ମୀ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### କାର୍ ପଛକୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ, ଜଣେ ଆହତ

ବାଲୁଗାଁ,୧୮।୯(ସଂଗ୍ରାମ ପାଇକରାୟ)

୧୬ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତାରେ ସୋମବାର ଅପରାହ୍ନରେ ଏକ କାର୍ ପଛକୁ ମାଲବୋଝେଇ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବା ଫଳରେ କାର୍‌ରେ ବସିଥିବା ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବାଇପାସ୍ ରାସ୍ତାର ବେଲପଡ଼ା ଛକଠାରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ କାର୍ ପଛକୁ ଧକ୍କା ଦେଇଥିଲା । ଫଳରେ କାରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ବସିଥିବା ଯାତ୍ରୀ ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲୁଗାଁ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନର ପ୍ରସ୍ତୁତି

ଟାଙ୍ଗୀ,୧୮।୯(ରଘୁନାଥ ସାହୁ)

ଟାଙ୍ଗୀ ତହସିଲ ଅନ୍ତର୍ଗତ ବଡ଼ପାରୀ ଭୋବରା ରାସ୍ତା ପାର୍ଶରେ ଥିବା ସରକାରୀ ଜାଗାକୁ ୯୩ ଜଣ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। କେସ ନମ୍ବର ୧୪୫୪୯/୨୦୧୮ରେ ମକଦ୍ଦମା ରୁଜୁ କରାଯାଇଥିଲା। ଏବେ ଏହି ଜବରଦଖଲ ଉଚ୍ଛେଦ ପାଇଁ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଖୋର୍ଦ୍ଧା ଉପଜିଲାପାଳ ଚିଠି ନମ୍ବର.୫୪୧୭ ତା.୧୨/୯/୨୩ ରେ ଏସ୍‌ପିଙ୍କୁ ଲେଖି ବଡପାରୀ ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର ୬୦୦ ଖାତା ନଂ. ୬୭୫ରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ପୋଲିସ ଫୋର୍ସ ଆସନ୍ତା ୨୧ରୁ ୩୦ ତାରିଖ ମଧ୍ୟରେ ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଛି।

## କୂଅରୁ ଯୁବକଙ୍କ ମୃତଦେହ ଜବତ ଘଟଣା, ମହିଳା ଗିରଫ

ବୋଲଗଡ଼,୧୮।୯ (ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ବେଣାଗାଡ଼ିଆ ଗ୍ରାମର ଏକ କୂଅରୁ ବିଜୟ ବରାଡ଼(୨୩)ଙ୍କ ମୃତଦେହ ରବିବାର ଜବତ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୩୮/୨୩)ରୁଜୁକରି ଜଣେ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ସୁଷମା ବରାଡ଼ (୪୫)। ସୂଚନା ମୁତାବକ, ରବିବାର ସୁଷମାଙ୍କ ଧାନଜମି ବାଛିବାକୁ ବିଜୟ ମଜୁରିରେ ଯାଇଥିଲେ। ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଗ୍ରାମର ମା' ତରେଇଶୁଣୀଙ୍କ କୂଅରୁ ବିଜୟଙ୍କୁ ଉଦ୍ଧାର କରି ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସୁଷମା ମାରି କୂଅରେ ପକାଇଦେଇଛି ବୋଲି ମୃତକଙ୍କ ଭାଇ କାଳୁଚରଣ ଥାନାରେ ଅଭିଯୋଗ କରିଥିଲେ। ରବିବାର ରାତିରେ ପୋଲିସ ସୁଷମାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ସୋମବାର ଖୋର୍ଦ୍ଧା ଏସ୍‌ଡିପିଓ ଦିଲ୍ଲୀପ ଦାସ, ଆଡିସନାଲ ଏସ୍‌ପି, ଥାନା ନିରୀକ୍ଷକ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ସୁଷମାଙ୍କୁ ଗିରଫ କରିଥିଲା।





ବୋଲଗଡ଼: କଳାଙ୍ଗ ଗୋଛାବରୀରେ ସୋମବାର ଅନୁଷ୍ଠିତ ସାଲାନା ଉର୍ସ ଉତ୍ସବରେ ଯୋଗ ଦେଇଥିବା ଶ୍ରଦ୍ଧାଳୁ।

## ସାଲାନା ଉର୍ସ ଉତ୍ସବ

ବୋଲଗଡ଼,୧୮।୯(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗୋଛାବରୀ ପଡିଆଠାରେ ସ୍ଥାପିତ ଶାହାତିମ ଶାହା(ପୀର ବାବା)ଙ୍କ ସମାଧି ପୀଠରେ ୩୫ତମ ବାର୍ଷିକ ଉତ୍ସବ ତଥା ସାଲାନା ଉର୍ସ ଉତ୍ସବ ପାଳିତ ହୋଇଯାଇଛି। ମାଣିକଗୋଡାର ସୁନ୍ନି ସମ୍ପ୍ରଦାୟର ମସଜିଦ କମିଟି ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଖାଦିମ ତଥା ପୂଜକ ନାସିର ଖାଁ ଓ ଇକରମ ଖାଁ ମୁଖ୍ୟ ପୁରୋଧାଭାବେ ସକାଳ ୪ଟାରୁ ବାବାଙ୍କ ସମାଧି ତଥା ମଜାରରେ ଅତର ସ୍ନାନ ଚଦର ଚଢା ଓ ଜର୍ଦା (ମିଠା)କାନିକା ପ୍ରସାଦ ଅର୍ପଣ ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଖୋଲାଯାଇଥିଲା। ଏହି ଉତ୍ସବରେ ବୋଲଗଡ ଅଞ୍ଚଳର ଦଳେଇସାହି, କଳାଙ୍ଗ, ଖଇଁରିଆ, ଫାସିଓଦା, ବୋଲଗଡ, କଡବ, ଗୋପାଳପୁର ଓ ଡାବରଧୁଆ ପାଟଣା ପଞ୍ଚାୟତର ବିଭିନ୍ନ ଗ୍ରାମର ହିନ୍ଦୁ ମୁସଲିମ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଲମ୍ବା ଧାଡି ଲଗାଇଥିଲେ। ଓଡ଼ିଶା ମୋ ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ, କଂଗ୍ରେସ ରାଜ୍ୟ ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଜେଡି ଯୁବନେତା ବ୍ରଜବନ୍ଧୁ ସୁବୁଦ୍ଧି, ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ମଜାରରେ ଚାଦର ଚଢ଼ାଇ ଥିଲେ। ଉର୍ସ କମିଟି ସଭାପତି ଜୁବେର ମହମ୍ମଦ, ସଭ୍ୟ ମୀର ହିଦାୟତ ଅଲ୍ଲୀ, ଗୁଲଜାର ଖାଁ ପ୍ରମୁଖ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବୋଲଗଡ଼,୧୮।୯(ଦେବବ୍ରତ ହୋତା)

୬ ବର୍ଷ ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗକରି ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଓ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଦାବିରେ ସୋମବାର ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ)ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ ଖୋର୍ଦ୍ଧା ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ ଖୋର୍ଦ୍ଧା ଜିଲାର ଆବାହକ ପ୍ରଭାତ କୁମାର ସାହୁ, ସଭାପତି ସିତାକାନ୍ତ ମିଶ୍ର, ସମ୍ପାଦକ ପ୍ରବୀର ମୋହନ ପଣ୍ଡା, ଉପଦେଷ୍ଟା ନମିତା ବିଶୋଇ, ରାଜେଶ ମହାରଣା, ଚିତ୍ରାନନ୍ଦ ମହାନ୍ତି, ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ବହୁ ଶିକ୍ଷୟିତ୍ରୀଶିକ୍ଷକ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସରକାର ଯଦି ସେମାନଙ୍କର ଦାବି ଉପରେ ବିଚାର ନ କରନ୍ତି, ଆସନ୍ତା ୨୬ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି।



ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ଆୟନ ୱାରିୟର, ରୟାଲ ବ୍ରଦର ବିଜୟୀ

ଜଟଣୀ,୧୮।୯(ରବୀନ୍ଦ୍ର ନାଥ ମହାକୁଡ଼)

**ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜାରୀ ପଞ୍ଚାୟତର ଇସ୍‌ଲାମ ଷ୍ଟାର କ୍ରିକେଟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ ଅର୍ଥାତ୍ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ମୁକ୍ତାର ସାକିର କନଷ୍ଟ୍ରକ୍ସନ ଫାଇଟର ଏବଂ ଆୟନ ୱାରିୟର ଟିମ୍ ମଧ୍ୟରେ ହୋଇଥିଲା। ଆୟନ ୱାରିୟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ମୁକ୍ତାର ସାକିର କନଷ୍ଟ୍ରକ୍ସନ ଫାଇଟର ଟିମ୍ ୧୪.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଶ୍ରୀନିବାସ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଅଲ୍‌ଷ୍ଟାର -୧୧ ଏବଂ ରୟାଲ ବ୍ରଦର ଟିମ୍ ମଧ୍ୟରେ ହୋଇଥିଲା। ରୟାଲ ବ୍ରଦର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୦ ରନ ସଂଗ୍ରହ କରିଥିଲା। ଜବାବରେ ଅଲ୍‌ଷ୍ଟାର-୧୧ ଟିମ୍ ୮.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆନଅର ଖାଁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ନିଜାମ ଖାଁ ଏବଂ ମୋଜାହିଦ ଖାଁ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକକର୍ମୀ ରସିଦ ଖାଁ ଏବଂ ସାଜତ ଖାଁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୧୮।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହଜ୍ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡେଙ୍ଗା, ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଭୟ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ, ଆମ୍ବା ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ସାହୁ, ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ, ପୁଲକ ବଡ଼ଜେନା, ସୁଧାକର ରାଉତରାୟ, ପ୍ରଣବ ରାୟ, ସର୍ବେଶ୍ୱର ମଙ୍ଗରାଜ, ବାବୁଲି ମହାରଣା, ପ୍ରଦୀପ ବେହେରା, ଗଙ୍ଗାଧର ବେହେରା, ଦିବାକର ବାରିକ, ସୁବାସ ମହାନ୍ତି, ଶିଶିର ସାମନ୍ତରାୟ, ଲିଙ୍ଗରାଜ ସାହୁ, ଶାନ୍ତିଲତା ରଣସିଂହ, ଜ୍ୟୋତିରଞ୍ଜନ ଖାଡ଼ଙ୍ଗା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ବ୍ଲଡ୍ ବ୍ୟାଙ୍କ ଦ୍ୱାରା ବୋତଲମାଠାରେ ୫୦ ୟୁନିଟ ଓ ହଜ୍‌ଠାରେ ନୟାଗଡ଼ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଦିବ୍ୟାଙ୍ଗ ଦିଜବର୍ ସାମନ୍ତରାୟ ରକ୍ତଦାନ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି।



ଶିବିରରେ ଉପସ୍ଥିତ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

## ୨ ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ହୋଇନି

ଖୋର୍ଦ୍ଧା,୧୮।୯(ପ୍ରଭାତ ପାଣିଗ୍ରାହୀ)

**ଜମାକାରୀଙ୍କ ୧.୫ କୋଟି ଆତ୍ମସାତ୍ ଘଟଣା**

- ଇଓଡବ୍ଲ୍ୟୁ ତଦନ୍ତ ସୁପାରିସ ପାଣିରଗାର
- ଚୁପ୍ ବସିଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପ୍ରଶାସନ

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଓ ସଞ୍ଚୟ ବାବଦକୁ ପ୍ରାୟ ୧ କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ନେଇ ଅଭିଯୋଗର ୨ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ୨୦୨୧ ମାର୍ଚ୍ଚରେ ଏହି ଘଟଣା ପଦାକୁ ଆସିଥିଲା। ମଧ୍ୟବିତ୍ତ ଓ ଗରିବ ଜମାକାରୀଙ୍କ ଟଙ୍କାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଜଣେ ଅବସରପ୍ରାପ୍ତ କର୍ମଚାରୀ ମିଳିମିଶି ଖାଇଗଲେ। ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏ ନେଇ ସେତେବେଳେ ସ୍ଥାନୀୟ ଥାନାରେ ଏତଲା ଦେବା ସହ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ତଦନ୍ତ ଲାଗି ସୁପାରିସ କରିଥିଲେ। ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଇନାହିଁ। ସେପଟେ ବେଗୁନିଆ ପୋଲିସ ମାମଲା ରୁଜୁ କରି ଚୁପ୍ ବସିଛି। ସେହିପରି ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ସଲାସୁତୁରା ହୋଇ ନୀରବ ରହିଛନ୍ତି। ଘଟଣାର ତଦନ୍ତ କରାଗଲେ ବହୁ ଗୁମର ତଥ୍ୟ ପଦାକୁ ଆସିବ ବୋଲି ଆଲୋଚନା ହେଉଥିବାବେଳେ ତଦନ୍ତରେ ଶିଥିଳତା ନେଇ କ୍ରାଇମବ୍ରାଞ୍ଚର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରାଉତପଡ଼ା ବ୍ୟାଙ୍କ ଶାଖାର ଜଣେ ହିସାବରକ୍ଷକ ଅବସର ଗ୍ରହଣ କରିବା ପରେ ବି ଦୀର୍ଘଦିନ ଧରି ଉକ୍ତ ବ୍ୟାଙ୍କକୁ ନିୟମିତ ଆସି ଜମାକାରୀଙ୍କ ସହିତ ଆର୍ଥିକ କାରବାର କରୁଥିଲେ। ଫଳରେ ତାଙ୍କ ଉପରେ ଜମାକାରୀଙ୍କ ବିଶ୍ୱାସ ଆସିଯାଇ ଥିଲା। ବ୍ୟାଙ୍କ କାର୍ଯ୍ୟରେ ଗ୍ରାମବାସୀଙ୍କ ଅନଭିଜ୍ଞତା କାରଣରୁ ସେମାନେ ତାଙ୍କ ସହଯୋଗ ଲୋଡୁଥିଲେ। ତେବେ ସେମାନଙ୍କ ସରଳତାର ସୁଯୋଗ ନେଇ ସଂପୃକ୍ତ ହିସାବରକ୍ଷକ ସ୍ଥାୟୀ ଜମା ପ୍ରମାଣପତ୍ର ପ୍ରଭୃତି ନବୀକରଣ ଆଳରେ ବ୍ୟାଙ୍କର ଜାଲ୍ ପ୍ରମାଣପତ୍ର ଦେଇ ଓ ଜାଲ୍ ସ୍ୱାକ୍ଷର କରି କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିଲେ। ୨୦୨୧ ଫେବୃୟାରୀ ୨୨ରେ କେତେଜଣ ଗ୍ରାମବାସୀ ଶାଖା କାର୍ଯ୍ୟାଳୟକୁ ସେମାନଙ୍କ ଜମାପୁଞ୍ଜି ସମ୍ପର୍କରେ ଜାଣିବାକୁ ଯାଇଥିଲେ, କିନ୍ତୁ କୌଣସି ବିବରଣୀ ପାଇ ନ ଥିଲେ। ଏନେଇ ସେମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଘଟଣା ପଦାକୁ ଆସିଥିଲା। ଏହାପରେ କେସିସିବିର ତତ୍କାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ ବ୍ୟାଙ୍କକୁ ଯାଇ ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ତାଙ୍କ ପ୍ରାଥମିକ ରିପୋର୍ଟକୁ ଆଧାର କରି ଜିଲାପାଳ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ତଦନ୍ତ କରିବା ପରିବର୍ତ୍ତେ କୌଣସି ଚାପରେ ପୋଲିସ ନୀରବ ରହିଲା। ସେହିପରି ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଗେଇ ନ ଥିଲା। ଜଣେ ବ୍ୟକ୍ତି ଉକ୍ତ ଶାଖାରୁ ଅବସର ଗ୍ରହଣ କରିବା ପରେ କିପରି ଓ କାହା ପ୍ରୋତ୍ସାହନରେ ବ୍ୟାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ଆର୍ଥିକ ଅନିୟମିତତା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ କିପରି ଜାଣିପାରି ନ ଥିଲେ ତାହା ମଧ୍ୟ ବିସ୍ମୟ ସୃଷ୍ଟି କରିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିଶୁଣି ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ସହିତ ମିଶି ଜମାକାରୀଙ୍କ ଟଙ୍କା ହଡ଼ପ କରିଥିବାବେଳେ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଉଦ୍ୟମ କରିବା ସହ ଘଟଣାକୁ ଚାପି ଦେବା ଲାଗି ଷଡ଼ଯନ୍ତ୍ର ଚଳାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏ ସଂକ୍ରାନ୍ତରେ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ପୋଲିସ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

**ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର**

ପୁରୀ, (ଅଜିତ୍ ମହାନ୍ତି)- ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ବର୍ହିର୍ବିଭାଗକୁ ଅଧିକାଂଶ ଡାକ୍ତର ଠିକ ସମୟରେ ଆସୁନଥିବା ଏବଂ କାର୍ଯ୍ୟ ଠିକ୍ ଭାବେ କରୁନଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରି ସାମାଜିକ କର୍ମୀ ଦିଲୀପ ବରାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତର ବର୍ହିବିଭାଗ ସକାଳ ୮ରୁ ମଧାହ୍ନ ୧୨ଟା ଏବଂ ଅପରାହ୍ନ ୪ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲିବା କଥା। ମାତ୍ର ଅପରାହ୍ନରେ କୌଣସି ବିଶେଷଜ୍ଞ ଡାକ୍ତର ବର୍ହିବିଭାଗରେ ରହୁନାହାନ୍ତି। ଏଥିଯୋଗୁ ରୋଗୀମାନେ ଉତ୍ତମ ଚିକିତ୍ସା ପାଇପାରୁନାହାନ୍ତି। କେତେଜଣ ଡାକ୍ତର ଅପରାହ୍ନ ସମୟରେ ବିଶେଷଜ୍ଞ ବର୍ହିବିଭାଗରେ ନ ରହି ଘରୋଇ ଚିକିତ୍ସାଳୟକୁ ଯାଇ ଅର୍ଥ ଉପାର୍ଜନ କରୁଛନ୍ତି। ଫଳରେ ଗରିବ ରୋଗୀମାନେ ଘରୋଇ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୯।୨୦୨୩

| | |
|---|---|
| ୪,୪୬,୮୬୫ ଟଙ୍କା | |
| ସୁନା | ୬.୫୦୦ ଗ୍ରାମ୍ |
| ରୁପା | ୧୭.୬୦୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀକ୍ଷେତ୍ରରେ ବାଲିତୃତୀୟା ପାଳିତ

ପୁରୀ,୧୮।୯(ଅଜିତ ମହାନ୍ତି):

ଭାଦ୍ରବ ଶୁକ୍ଳ ତୃତୀୟା ତିଥି ସୋମବାର ଶ୍ରୀକ୍ଷେତ୍ରରେ ବାଲିତୃତୀୟା (ଗୌରୀ ବ୍ରତ) ପାଳିତ ହୋଇଛି। ଗଣେଶ ପୂଜାର ପୂର୍ବ ଦିନ ଏହି ବ୍ରତ ପାଳନ କରାଯାଇଥାଏ। ବିଭିନ୍ନ ନଦୀ ଓ ପୁଷ୍କରିଣୀ କୂଳରେ ମହିଳା ଏବଂ ଯୁବତୀମାନେ ବାଲୁକାରେ ଶକ୍ତି ସହିତ ଶିବଲିଙ୍ଗ ପ୍ରତିଷ୍ଠା କରି ଉମା ମହେଶ୍ୱରଙ୍କୁ ପୂଜା କରିଛନ୍ତି। ଏହି ବ୍ରତ ସଂକ୍ରାନ୍ତରେ ଯୁବ ଗବେଷକ ସୌମ୍ୟ ପଣ୍ଡା କୁହନ୍ତି, ଶ୍ରୀକ୍ଷେତ୍ର ଓ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ସହ ସନ୍ତାନଙ୍କ ସୁଖ ସମୃଦ୍ଧି ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ ଗୌରୀ ବ୍ରତ ପାଳନ କରିଥାନ୍ତି। ବ୍ରତଧାରୀ ସମ୍ପୂର୍ଣ୍ଣ ଉପବାସ କରିଥାନ୍ତି। କେହି କେହି ଛେପ ମଧ ଢୋକି ନ ଥାନ୍ତି। ଅନେକ ଅବିବାହିତା ଝିଅ ସୁନ୍ଦର ଓ ଗୁଣୀ ସ୍ୱାମୀ ପାଇବା ଲାଗି ଏହି ବ୍ରତ ପାଳନ କରିଥାନ୍ତି। ବ୍ରତଧାରୀମାନେ ସନ୍ଧ୍ୟାରେ ଉମା ମହେଶ୍ୱରଙ୍କୁ ପୂଜା କରି ମନସ୍କାମନା ଜଣାଇଥାନ୍ତି। ପୂଜା ସମ୍ପନ୍ନ ହେବା ପରେ ଏହି ବ୍ରତ ସମ୍ପନ୍ନ ହୋଇଥାଏ।

### ସମାଜରେ ପବିତ୍ରତା, ପରିବାରରେ ସଂସ୍କାର ଆଣେ ଭାଗବତ

ପୁରୀ, ୧୮।୯(ଅଜିତ ମହାନ୍ତି)

ଏକ ଶୃଙ୍ଖଳିତ ସମାଜ ସହ ଧର୍ମୀୟ ଜନଜାଗରଣ ପାଇଁ ଘରେ ଘରେ ଭାଗବତ ପାଠର ଆବଶ୍ୟକତା ରହିଛି। ଓଡ଼ିଶା ଯୁବ ଚେତନା ସଙ୍ଗଠନ ପକ୍ଷରୁ କୁଣ୍ଡେଇବେଣ୍ଟ ସାହିରେ ଘରେ ଘରେ ଭାଗବତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଷାରାଣୀ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ମାନସ ପଟ୍ଟନାୟକ, ସୀତାକାନ୍ତ ମହାନ୍ତି ଏବଂ ଅନୀତା ମହାନ୍ତିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବଚିକା ନିର୍ମଳା ଫତେସିଂହ ଯୋଗଦେଇ ପ୍ରବଚନ ମାଧ୍ୟମରେ ଭାଗବତ ଓ ସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଆଲୋଚନାରେ ଗୀତିକାର ବଦ୍ରି ମିଶ୍ର, ଡ. କବିତା ରଥ, ଝିମିଲି ପଟ୍ଟନାୟକ, ସୁଲୋଚନା ମିଶ୍ର, ମିନୁ ମହାନ୍ତି, ସୁଚିତ୍ରା ମହାନ୍ତି, ରାଜେନ୍ଦ୍ର ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ମନସ୍ୱିନୀ ମହାନ୍ତି, ରାମକୃଷ୍ଣ ମହାନ୍ତି, ଲୀନା ମହାନ୍ତି, ଚୌଧୁରୀ ମିନତୀ ମହାନ୍ତି, କାଞ୍ଚନବାଳା ଦଳାଇ, ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ, ସୁଜାତା ମିଶ୍ର, ସନ୍ତୋଷ ମିଶ୍ର, ମମତା ପଟ୍ଟନାୟକ, ପୁଷ୍ପଲତା ମହାନ୍ତି ଏବଂ ସୁନନ୍ଦା ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବନ୍ୟାପାଣି ଘେରରେ ପାଟଲପୁର ଗ୍ରାମ





ଏକ ରାସ୍ତା ଏବଂ ଘର ଜଳମଗ୍ନ ହୋଇପଡିଛି ।

ପିପିଲି,୧୮।୯(ଦୁର୍ଗାମାଧବ ମିଶ୍ର)

- ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ
- ୨୨ ପ୍ରତିଶତ କ୍ଷତିପୂରଣକୁ ନେଇ ଚାଷୀ ଅସନ୍ତୋଷ
- ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ପଞ୍ଚାୟତବାସୀ

ପୁଣି ବନ୍ୟାପାଣି ଘେରରେ ପାଟଲପୁର ଗ୍ରାମ। ପିପିଲି ବ୍ଲକ ପୋପରଙ୍ଗା ପଞ୍ଚାୟତ ୬ନଂ. ୱାର୍ଡ ପାଟଲପୁର ଗ୍ରାମବାସୀ ଏବେ ଜଳବନ୍ଦୀ ଜୀବନଯାପନ କରୁଛନ୍ତି। ଗଙ୍ଗୁଆ ନାଳରେ ସୃଷ୍ଟି ହୋଇଥିବା ଘାଇ ମରାମତି ନ ହେବାରୁ ପୁଣି ଥରେ ପାଟଲପୁର ଗ୍ରାମବାସୀ ବନ୍ୟାପାଣି ଘେରରେ। ବନ୍ୟା ଜଳରେ ଗହୀର ରାସ୍ତା ସବୁ ବୁଡ଼ିଯାଇଥିବାବେଳେ ବାହ୍ୟଜଗତରୁ ଗ୍ରାମ ବିଚ୍ଛିନ୍ନ ହୋଇପଡ଼ିଛି। ଗ୍ରାମ ସ୍କୁଲରେ ପଣି ପଶିଯିବାରୁ ପାଠପଢ଼ା ବନ୍ଦ ରହିଛି। ଏଥିସହ ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଗ୍ରାମର ହଜାର ହଜାର ଚାଷୀ ଏଥିରେ ପ୍ରଭାବିତ ହୋଇଛନ୍ତି। ହୀରାକୁଦ ଜଳଭଣ୍ଡାର ଜଳ ନିଷ୍କାସନ ପାଇଁ ମହାନଦୀ ଓ ତାର ଶାଖା ନଦୀଗୁଡ଼ିକରେ ବନ୍ୟାଜଳ ପ୍ରବାହିତ ହେଉଛି। ଏନେଇ ଦୟାନଦୀରେ ଜଳସ୍ତର ବଢୁଥିବାବେଳେ ନଦୀଜଳ କାଣ୍ଡିଆ ବନ୍ଧକୁ ଛୁଇଁଲାଣି। ସେପଟେ ନଦୀକୁ ସଂଯୋଗ କରୁଥିବା ଗଙ୍ଗୁଆ ବନ୍ଧରେ ଦୀର୍ଘଦିନ ହେବ ୨୨ ଫୁଟ ଘାଇ ହେବା କାରଣରୁ ବନ୍ୟାଜଳ ପାଟଲପୁର ଗ୍ରାମରେ ପ୍ରବେଶ କରିଛି। ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ଏଭଳି ଦଶା ଭୋଗୁଥିବାବେଳେ ଚଳିତବର୍ଷ ଗ୍ରାମବାସୀ ୨ ଥର ଜଳବନ୍ଦୀ ହୋଇଛନ୍ତି। ଗତ ମାସକ ତଳେ ଏହି ଅଞ୍ଚଳରେ ବନ୍ୟା ତାଣ୍ଡବ ରଚି ଅନେକ କ୍ଷୟକ୍ଷତି ଘଟାଇଥିଲା। ଗଙ୍ଗୁଆ ନାଳର ସୃଷ୍ଟି ଘାଇ ମରାମତି ନ ହେବାରୁ ଏଭଳି ସମସ୍ୟା ବାରମ୍ବାର ସୃଷ୍ଟ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ହେଲେ ରାଜ୍ୟ ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି କୌଣସି ଦୃଷ୍ଟି ନ ଦେଇ ସ୍ଥାୟୀ ସମାଧାନ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ଏଭଳି ଦଶା ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ୨୨ ପ୍ରତିଶତ କ୍ଷତିପୂରଣ ଘୋଷଣା କରିଥିଲେ। କିନ୍ତୁ ଚାଷ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ୨୨ ପ୍ରତିଶତ କ୍ଷତିପୂରଣ ପାଇବା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରି ପୂର୍ଣ୍ଣ ସହାୟତା ପାଇଁ ଦାବି କରିଛନ୍ତି। ତେଣୁ ଏହି ଗଙ୍ଗୁଆ ନଦୀ ବନ୍ଧ ଘାଇର ତୁରନ୍ତ ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଗୁରୁତ୍ୱ ଦେବାକୁ ପିପିଲିର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି। ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

# କାଠଶିଳ୍ପୀ ଓ କାଠ କାରିଗର ସଙ୍ଗଠନର ୭ମ ବାର୍ଷିକ ଉତ୍ସବ

ପୁରୀ,୧୮।୯(ଅଜିତ ମହାନ୍ତି ):

ପୁରୀ ଜିଲା କାଠଶିଳ୍ପୀ ଓ କାଠ କାରିଗର ସଙ୍ଗଠନର ୭ମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ସୋମବାର ସଂଗ୍ରାମ କ୍ଲବ ଲେନ୍ ବିଶ୍ୱକର୍ମା ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ସମାଜସେବୀ ଚକ୍ରଧର ମହାପାତ୍ର, ଆଡ୍‌ଭୋକେଟ ଶରତ କୁମାର ରାୟଗୁରୁ ଏବଂ ଶ୍ରମିକ ନେତା ଜଗନ୍ନାଥ ଦେଓ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, ସରକାରୀ ସ୍ତରରେ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବା ସହ ତାହାକୁ ଶିକ୍ଷା ସିଲାବସ୍‌ରେ ନ ରଖିଲେ ସ୍ଥାପତ୍ୟ, କଳା ଓ ଶିଳ୍ପୀମାନଙ୍କ କାରୁକାର୍ଯ୍ୟ ସଙ୍କଟ ଭିତରକୁ ଚାଲିଯିବ। ସେହିପରି କାଠଶିଳ୍ପୀ ଓ କାଠ କାରିଗରଙ୍କ ସଙ୍ଗଠନର ଦୁଇଜଣ ବରିଷ୍ଠ ସଦସ୍ୟଙ୍କୁ ଅତିଥିମାନେ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଭାପତି କ୍ଷେତ୍ରବାସୀ ମହାରଣା ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବକୁ ପବିତ୍ର ଓଝା, ସୁଦର୍ଶନ ମହାରଣା, ଦେବରାଜ ଓଝା, ସତ୍ୟଜିତ୍ ମହାରଣା, ପିଣ୍ଟୁ ମହରଣା, ହେମନ୍ତ ମହାରଣା, ଜମ୍ବେଶ୍ୱର ଓଝା, ରତ୍ନାକର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ବିଜ୍ଞାନ ମେଳାରେ ୮୫ ପ୍ରକଳ୍ପ




ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ନିମାପଡ଼ା,୧୮।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ଏକଲବ୍ୟ ଶିକ୍ଷାକେନ୍ଦ୍ର ପକ୍ଷରୁ ଏକ ବିଜ୍ଞାନ ମେଳା ସ୍ଥାନୀୟ ଏକ ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ପବିତ୍ର ମୋହନ ମହାପାତ୍ର, ଏକଲବ୍ୟ ଶିକ୍ଷାକେନ୍ଦ୍ରର ସଭାପତି ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତି, ଅଧ୍ୟକ୍ଷା ମଧୁମିତା ଜେନା ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷାର ବିକାଶରେ ଦେଶ ଓ ରାଜ୍ୟ ବିକଶିତ ହୋଇଥାଏ। ସମାଜରେ ଶିକ୍ଷା ବ୍ୟବସ୍ଥାରେ ବିଜ୍ଞାନ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ରହିଛି। ଆଜିର ଛାତ୍ରୀଛାତ୍ର ବିଜ୍ଞାନ ଶିକ୍ଷା ପାଇଁ ବହୁଳ ଭାବେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମେଳାରେ କୁନି କୁନି ବିଜ୍ଞାନୀଙ୍କ ୮୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। କୃତୀ ବିବେଚିତ ପ୍ରକଳ୍ପଗୁଡ଼ିକୁ ଚୟନ କରାଯାଇ କୃତୀ କୁନି ବିଜ୍ଞାନୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ମେଳାରେ ବହୁ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ, ବହୁ ଛାତ୍ରୀଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସ୍ଥାନିତ ପ୍ରକଳ୍ପଗୁଡ଼ିକ ବେଶ୍ ଆକର୍ଷଣୀୟ ଓ ଉପଭୋଗ୍ୟ ହୋଇଥିବା ଅତିଥିମାନେ କହିଥିଲେ।

# ଅନ୍ଧବିଶ୍ୱାସ, ଅଜ୍ଞାନତାକୁ ଦୂର କରେ ବିଜ୍ଞାନ




ପିଲାଙ୍କ ଦ୍ୱାରା ପରିବେଷିତ ଏକ ନାଟକର ଦୃଶ୍ୟ ।

ପୁରୀ,୧୮।୯(ଅଜିତ ମହାନ୍ତି):

**ଜୋନାଲସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା**

- ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ
- ଶର୍ମିଷ୍ଠା ଦାଶ, ସାଗର ବାରିକ ଶ୍ରେଷ୍ଠ ଅଭିନେତ୍ରୀ ଅଭିନେତା

ବିଜ୍ଞାନ କେବଳ ଜ୍ଞାନ ବୃଦ୍ଧି କରେ ନାହିଁ ବରଂ ଅନ୍ଧବିଶ୍ୱାସ ଓ ଅଜ୍ଞାନତାକୁ ଦୂର କରିବାରେ ସହାୟକ ହୋଇଥାଏ ବୋଲି ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ କହିଛନ୍ତି। ସୋମବାର ପୂର୍ବାହ୍ନରେ ଶିକ୍ଷା ବିଭାଗ ପକ୍ଷରୁ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଜୋନାଲସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲା ଶିକ୍ଷା ଅଧିକାରୀ ଘୋଷ କହିଥିଲେ ଯେ, ମନୋରଞ୍ଜନ ମାଧ୍ୟମରେ ବିଜ୍ଞାନର ପ୍ରଚାର ପ୍ରସାର କରିବା ସହ ସମାଜରେ ଥିବା ବିଭିନ୍ନ ଅନ୍ଧବିଶ୍ୱାସକୁ ଦୂର କରିବା ଲକ୍ଷ୍ୟରେ ସରକାର ଗ୍ରହଣ କରିଥିବା ଏହି ବ୍ୟବସ୍ଥା ଅତ୍ୟନ୍ତ ଫଳପ୍ରଦ ହୋଇପାରିଛି। ଯେଉଁମାନେ ଏଠାରେ ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଦଳଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ସେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ବିଭିନ୍ନ ଉଦାହରଣ ମାଧ୍ୟମରେ ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। କେତେକ ଘଟଣା ଶିକ୍ଷା ଓ ସଚେତନତା ଅଭାବରୁ ସମାଜକୁ ପ୍ରଭାବିତ କରିଥାଏ। ବିଜ୍ଞାନ ମାଧ୍ୟମରେ ନାଟକ ସମାଜରୁ କୁସଂସ୍କାର ହଟେଇବା ଦିଗରେ ଏକ ସଫଳ ପ୍ରୟାସ ହୋଇପାରିବ ବୋଲି ସେ କହିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ ବିଜ୍ଞାନ ଡ୍ରାମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳଜା ରାଜ ନନ୍ଦିନୀ ଶତପଥୀ, ଶିକ୍ଷା ବିଭାଗର ଡିଏସ୍ଏସ୍ ତାପସ କୁମାର ପ୍ରିୟଦର୍ଶନ, ନାଟ୍ୟ ବିଚାରକ କାହ୍ନୁ ଚରଣ ଦାଶ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସ୍କୁଲ ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଶିକ୍ଷା ଜିଲାର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଖୋର୍ଦ୍ଧାର ଗଙ୍ଗପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ କଟକସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିବାରୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପୁରୁଷ କଳାକାର ଭାବେ ଗଙ୍ଗପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସାଗର ବାରିକ, ଶ୍ରେଷ୍ଠ ମହିଳା କଳାକାର ଭାବେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶର୍ମିଷ୍ଠା ଦାଶ, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଳକାନନ୍ଦା ଓ ଶ୍ରେଷ୍ଠ କାହାଣୀ ଭାବେ ଯାଜପୁର ଯମଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା।

## ବିପଦସଙ୍କେତ ଉପରେ ଦୟା

କଣାସ,୧୮।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାହାର ଶାଖାନଦୀ ରାଜୁଆ, ମଲାଗୁଣୀ, କାଣିଆ, ଲୁଣାନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦସଙ୍କେତ ୩.୯୯ମିମି ଥିବାବେଳେ ସୋମବାର ସନ୍ଧ୍ୟା ୭ଟା ସୁଦ୍ଧା ୪.୭୫ ମିମି ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାପଡିଛି। ବନ୍ୟାଜଳ ବୃଦ୍ଧି ଯୋଗୁ ରାଜୁଆ ଓ ଦୟାନଦୀର ପଠାଗୁଡ଼ିକରେ ଚାଷୀ କରିଥିବା ପରିବା ଫସଲ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ବନ୍ୟାର ପ୍ରତିକାର ପାଇଁ ଜଳସେଚନ ବିଭାଗ ପ୍ରସ୍ତୁତ ରହିଥିବା କଣାସ ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ମକରା ବେହେରା କହିଛନ୍ତି।

## ଧାରଣାରତ ଶିକ୍ଷକଙ୍କ ବାଇକ୍ ଚୋରି

କଣାସ,୧୮।୯(ବିଭୂତି ଭୂଷଣ ତ୍ରିପାଠୀ)

ଖୁଣ୍ଟିଆବାଣପୁର ଗ୍ରାମର ବିଭୂତି ଭୂଷଣ ସାମନ୍ତସିଂହାରଙ୍କ ବାଇକ୍(ଓଆର୍ ୦୨ ଏଭି ୯୫୧୭)କୁ କୌଣସି ଦୁର୍ବୃତ୍ତ ଚୋରି କରିନେଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବିଭୂତି ଜଣେ ଶିକ୍ଷକ ହୋଇଥିବାରୁ ନିଜ ବାଇକ୍‌ଟି କଣାସ ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। ଅପରାହ୍ନ ୪ଟା ସମୟରେ ଧାରଣାରୁ ଉଠି ଯାଇଦେଖିବା ବେଳକୁ ବାଇକ୍‌ଟିତା' ସ୍ଥାନରେ ନ ଥିଲା। ଏନେଇ ବିଭୂତି ଥାନାରେ ଏତେଲା ଦେଇଥିଲେ। ପ୍ରକାଶଥାଉକି, କଣାସ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଲୁଟେରାମାନେ ଟଙ୍କା ଉଠାଉଥିବା ଲୋକଙ୍କଠାରୁ ଟଙ୍କା ନେଉଯାଉଥିବା ଓ କଣାସ ହାଟ ମଧ୍ୟରୁ ବାରମ୍ବାର ମୋବାଇଲ ଚୋରି ହେଉଥିବା ଥାନାରେ ଏତଲା କରୁଥିଲେ ମଧ ପୋଲିସ ଲୁଟେରାଙ୍କ କୌଣସି ସନ୍ଧାନ ପାଉନାହିଁ।

# ବୈଠକକୁ ଆସିଲେନି ଗୃହରାଷ୍ଟ୍ରମନ୍ତ୍ରୀ

କୋଣାର୍କ,୧୮।୯(ଜ୍ୟୋତିରାଜ ମହାନ୍ତି)

**ପୁଣି ରାଜରାସ୍ତାରେ ବସିବେ ଗ୍ରାମବାସୀ**

ଗୋପ ବ୍ଲକ ତଥା କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ଜନ୍ତନା 'ବାଲିସାହି' ଗ୍ରାମର ୧୫ ଘର ଥିବା ବାଲିସାହିକୁ ଗ୍ରାମ୍ୟ ରାସ୍ତା ନିର୍ମାଣ ନିମନ୍ତେ ଶାସକ ବିଜେଡିର ସ୍ଥାନୀୟ ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ପ୍ରଶାସନ ପକ୍ଷରୁ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ରାସ୍ତା କାର୍ଯ୍ୟର କାର୍ଯ୍ୟାଦେଶ ମିଳି ସାରିଥିଲେ ମଧ ଗୋଷ୍ଠୀ ବିବାଦକୁ ନେଇ କାର୍ଯ୍ୟ ହୋଇପାରୁନି। ଏନେଇ ବାରମ୍ବାର ଅଭିଯୋଗ ପରେ ବି ସୁଫଳ ନ ମିଳିବାରୁ ଗ୍ରାମବାସୀ ଗତ ୧୫ ତାରିଖରେ କୋଣାର୍କ– ଭୁବନେଶ୍ୱର ମୁଖ୍ୟରାସ୍ତାକୁ ୩ ଘଣ୍ଟା ଅବରୋଧ କରି ବସିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ପ୍ରତିଶ୍ରୁତି ପାଇ ରବିବାର ୨ ଗୋଷ୍ଠୀଙ୍କୁ ନେଇ ଏକ ବୈଠକରେ ସମସ୍ୟା ସମାଧାନ କରାଯାଇ ରାସ୍ତା କାର୍ଯ୍ୟ କରାଯିବ ବୋଲି କହିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ତେବେ ରବିବାର ହେବାକୁ ଥିବା ବୈଠକରେ ମନ୍ତ୍ରୀ ଯୋଗଦେଇ ନ ଥିଲେ। ଫଳରେ ଗ୍ରାମବାସୀ ଅନେକ ସମୟ ଧରି ମନ୍ତ୍ରୀଙ୍କୁ ଅପେକ୍ଷା କରି ଫେରିଯାଇଥିଲେ। ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ନିଜେ ନ ରଖିବା, ମିଛ ପ୍ରତିଶ୍ରୁତି ନେଇ ସାଧାରଣରେ ଖୁବ୍ ଚର୍ଚ୍ଚା ହେଉଛି। ଏନେଇ ଗ୍ରାମବାସୀ ସୋମବାର କୋଣାର୍କ ଥାନା ଗୋପ ତହସିଲଦାର ଓ ଗୋପ ବିଡ଼ିଓଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ଆସନ୍ତା ୨୨ ତାରିଖରେ ପୁନଃ କୋଣାର୍କ– ଭୁବନେଶ୍ୱର ମୁଖ୍ୟରାସ୍ତା ଅବରୋଧ କରିବେ। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଜଣାପଡ଼ିଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ

ପିପିଲି,୧୮।୯(ଦୁର୍ଗାମାଧବ ମିଶ୍ର)

ପିପିଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରରେ ସୋମବାର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ନବମ ବିଦ୍ୟାଳୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ସୌଦାମିନୀ ଦାସ, ପିପିଲି ନୋଡାଲ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ପରିଡ଼ା, ପରିଚାଳନା ସଦସ୍ୟ ଶରତ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟକ୍ଷ କାହ୍ନୁ ଚରଣ ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ କଲ୍ୟାଣୀ ଦିଗଲ, ସରିତା ସାହୁ, ଗୀତା ବଲ୍ଲଭ ନନ୍ଦନ ଦାଶ, ଶୁଭାଶିଷ ଦାଶ, ଗୀତାଞ୍ଜଳି ପାଣି, ସୁଜିତ ନାୟକ, ମନୋରମା ଚୌଧୁରୀ, କଳ୍ପନା ଜେନା, ନିରୁପମା ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

ପୁରୀ,୧୮।୯(ଅଜିତ ମହାନ୍ତି):




ବୈଠକରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଏବଂ ଅନ୍ୟମାନେ ।

**ରୋଗୀ କଲ୍ୟାଣ ସମିତି ବୈଠକ**

- ଅକାମୀ ହୋଇପଡ଼ିଛି ଅକ୍ସିଜେନ ପ୍ଲାଣ୍ଟ
- ଭେଣ୍ଟିଲେଟର, ସିଟି, ଅଲଟ୍ରାସାଉଣ୍ଡ ବନ୍ଦ
- ହସ୍ପିଟାଲ ଅନ୍ତଃ ଓ ବହିର୍ବିଭାଗ ଛାତ ବିପଦସଙ୍କୁଳ

ପୁରୀ ଜିଲା ରୋଗୀ କଲ୍ୟାଣ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଜିଲା ଯକ୍ଷ୍ମା ଓ ସଂକ୍ରାମକ ଚିକିତ୍ସାଳୟର ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଗଣେଶ ପ୍ରସାଦ ଦାସ ଏବଂ ଡା. ସୁଦର୍ଶନ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

ପୁରୀ ଏମ୍‌ପିଙ୍କ ପ୍ରତିନିଧି ମର୍ଦ୍ଦରାଜ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ଗତ ଅଗଷ୍ଟରେ ଜେଡିଏସ୍‌ଏସ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ଦେଢ ମାସ ବିତିଯାଇ ଥିଲେ ମଧ୍ୟ ଆଲୋଚନା ହୋଇଥିବା ଅନେକ କାର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟର ଆୟୁସ୍‌ରେ ୬ଟି ଶଯ୍ୟା ଏବଂ ୪ଟି ଭେଣ୍ଟିଲେଟର ରହିଛି। ଜିଲା ଯକ୍ଷ୍ମା ଓ ସଂକ୍ରାମକ ଚିକିତ୍ସାଳୟରେ କୋଭିଡ ସମୟରେ ୨୦ଟି ଶଯ୍ୟା ଏବଂ ୧୦ଟି ଭେଣ୍ଟିଲେଟର ସହ ଏବିଜି, ଏସିଜି, ଅଲଟ୍ରାସାଉଣ୍ଡ ପାଇଁ ଅନେକ ଉପକରଣ ରହିଥିଲା। ତେବେ କୋଭିଡ ପରଠାରୁ ଏହା ବନ୍ଦ ହୋଇପଡ଼ିଛି। ଫଳରେ ଜିଲା ଯକ୍ଷ୍ମା ଓ ସଂକ୍ରାମକ ଚିକିତ୍ସାଳୟରୁ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ତେଣୁ ଜିଲା ଯକ୍ଷ୍ମା ଓ ସଂକ୍ରାମକ ଚିକିତ୍ସାଳୟରେ ପୂର୍ବରୁ ଥିବା ଶଯ୍ୟା ଖୋଲାଯାଉ। ସେହିଭଳି ଗତ ୯ ମାସ ହେବ ଜିଲା ଯକ୍ଷ୍ମା ଓ ସଂକ୍ରାମକ ଚିକିତ୍ସାଳୟର ଫଳକ ନାହିଁ। ଏନେଇ ବାରମ୍ବାର ଜିଲା ପ୍ରଶାସନକୁ ଜଣାଇବା ପରେ ମଧ ପଦକ୍ଷେପ ନିଆଯାଉନାହିଁ। ମେଡିକାଲରେ ଅକ୍ସିଜେନ ପ୍ଲାଣ୍ଟ ଥିଲେ ମଧ ୱାର୍ଡକୁ ଅକ୍ସିଜେନ ପାଇପଲାଇନ ସଂଯୋଗ ହୋଇନାହିଁ। ତେଣୁ ଏହା ଅକାମୀ ହୋଇପଡ଼ିରହିଛି। ସେହିପରି ମେଡିକାଲ ପରିସର ସଫେଇ କରିବା ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ନିୟମ ଅନୁଯାୟୀ ଦିନକୁ ୩ ଥର ସଫେଇ ହେବା କଥା, ମାତ୍ର ଥରଟିଏ ବି ଭଲଭାବେ ସଫେଇ କରାଯାଉନାହିଁ। ଏପରିକି ଅଧିକାଂଶ ସମୟରେ ସଂସ୍ଥାର କର୍ମଚାରୀମାନେ ଅନୁପସ୍ଥିତ ରହୁଛନ୍ତି। ସେହିପରି ହସ୍ପିଟାଲର ଅନ୍ତଃ ଓ ବର୍ହିର୍ବିଭାଗ ଛାତ ବିପଦସଙ୍କୁଳ ଅବସ୍ଥାରେ ଅଛି। ଡାକ୍ତରଙ୍କ ରେଷ୍ଟ ରୁମ୍‌ରେ ଏସି ଖରାପ ହୋଇ ପାଣି ଗଳିବା ସହ ଅଧିକାଂଶ ସମୟରେ ସାପ ବାହାରୁଛି। ମେଡିକାଲ ଚାରିପାଖରେ ପାଚେରୀ ନ ଥିବାରୁ ଉକ୍ତ ପାଚେରୀ ନିର୍ମାଣ କରାଯାଉ ବୋଲି ସେ କହିଥିଲେ। ସର୍ବଭାରତୀୟ ସ୍ତରରେ ଜିଲାରେ ଟିବି ବିଭାଗକୁ ରୌପ୍ୟ ପଦକର ଦାବିଦାର ରୂପେ ଗ୍ରହଣ କରାଯାଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ମେଡିକାଲରେ ଡାକ୍ତର ସଂଖ୍ୟା କମ୍ ଥିବାରୁ ଏ ନେଇ ଆଲୋଚନା କରାଯାଇଥିଲା। କମିଟିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

**ଅମାନିଆ ଗାଡ଼ିଚାଳକଙ୍କ ଫଟୋ ପଠାଇବା ପ୍ରସଙ୍ଗ**

# ବିପଦରେ ପଡ଼ିପାରନ୍ତି ସଚେତନକାରୀ

**ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଗାଡି ଚାଳକଙ୍କ ଉପରେ ନଜର ରଖିବାକୁ ସାଧାରଣ ଲୋକ କିମ୍ବା ସତର୍କ ନାଗରିକଙ୍କ ସହଯୋଗ ଲୋଡାଯାଇଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ନେକ୍ସଟ ଜେନ୍ ଏମ୍ ପରିବହନ ଆପ୍ଲିକେଶନରେ 'ସିଟିଜେନ ସେଣ୍ଟିନେଲ' ନାମକ ଆପ୍‌ର ବିକଳ୍ପ ରଖାଯାଇଛି। ସଚେତନ ନାଗରିକ ରାସ୍ତାରେ ହେଲ୍‌ମେଟ ନ ପିନ୍ଧି ଯାଉଥିବା ବା ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଅମାନିଆ ଚାଳକଙ୍କ ଫଟୋ ଅବା ଭିଡିଓକୁ ଉକ୍ତ ଆପ୍‌ରେ ଅପ୍‌ଲୋଡ୍ କରିପାରିବେ। ସମ୍ପୃକ୍ତ ନାଗରିକଙ୍କ ତଥ୍ୟ ଆଧାରରେ ପରିବହନ ବିଭାଗ ତା'ର ଯାଞ୍ଚ କରି ସମ୍ପୃକ୍ତ ଗାଡି ଚାଳକଙ୍କ ନିକଟକୁ ଇ-ଚାଲାଣ ପଠାଇବ। ତେବେ ଏହି ବ୍ୟବସ୍ଥାକୁ କେହି କେହି ସ୍ୱାଗତଯୋଗ୍ୟ ପଦକ୍ଷେପ କହୁଥିବାବେଳେ ଅଧିକାଂଶ ସମାଲୋଚନା କରୁଛନ୍ତି। ଏହି ବ୍ୟବସ୍ଥା ଅମାନିଆ ଓ ଫଟୋ ଉଠାଇଥିବା ସଚେତନ ନାଗରିକଙ୍କ ମଧ୍ୟରେ ମାର୍‌ପିଟି ଭଳି ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ସଚେତନକାରିକ ବିପଦରେ ପଡିପାରନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା କିଏ ଦେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

ରିପୋର୍ଟ: ସୂର୍ଯ୍ୟକାନ୍ତ ବେହେରା



### ଆକ୍ରୋଶର ଶିକାର ହେବା ସମ୍ଭାବନା ରହିଛି

ଜନସାଧାରଣ ହେଲମେଟ ପିନ୍ଧି ନ ଥିବା ବ୍ୟକ୍ତିଙ୍କ ଫଟୋ ଉଠାଇ ପୋର୍ଟାଲରେ ଅପ୍‌ଲୋଡ କରିବା ଦ୍ୱାରା ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବ। ରାସ୍ତାରେ ମାର୍‌ପିଟ ଓ ଗଣ୍ଡଗୋଳ ଭଳି ପରିସ୍ଥିତି ଉପୁଜି। ଏହାସହ ସମାଜରେ ପରସ୍ପରଙ୍କ ମଧ୍ୟରେ ଥିବା ବନ୍ଧୁତା ଶତ୍ରୁତାରେ ପରିଣତ ହେବାର ମଧ୍ୟ ଆଶଙ୍କା ରହିଛି। ଟ୍ରାଫିକ ପୋଲିସ କର୍ମଚାରୀଙ୍କ ପାଖରେ କ୍ଷମତା ରହିଛି। ସେହି କ୍ଷମତା ଆଧାରରେ ସେମାନେ ହେଲ୍‌ମେଟ ନ ପିନ୍ଧିଥିବା ଗାଡ଼ି ଚାଳକଙ୍କୁ ଅଟକାଇ ତାଗିଦ କରିବା ସହ ଜରିମାନା ଆଦାୟ କରୁଛନ୍ତି। ସେମାନଙ୍କୁ ଉଲ୍ଲଂଘନକାରୀ ହଇରାଣ କରିବାକୁ ସାହସ କରୁନାହାନ୍ତି। ଯଦି ସାଧାରଣ ବ୍ୟକ୍ତି ହେଲ୍‌ମେଟ ନ ପିନ୍ଧିଥିବା ଜନସାଧାରଣଙ୍କୁ ଅଟକାଇ, ଫଟୋ ବା ଭିଡ଼ିଓ ଉତ୍ତୋଳନ କରନ୍ତି, ତେବେ ସେମାନେ ପରବର୍ତ୍ତୀ ସମୟରେ ଆକ୍ରୋଶର ଶିକାର ହେବାର ସମ୍ଭାବନା ରହିଛି।



–ରାଜୀବ କୁମାର ତ୍ରିପାଠୀ, ଭୁବନେଶ୍ୱର

### ଅଧିକ ଅନୁଶୀଳନ ଦରକାର

ହେଲମେଟ ପିନ୍ଧି ନ ଥିବା ବ୍ୟକ୍ତି ବା ଉଲ୍ଲଂଘନକାରୀଙ୍କ ପାଇଁ ସରକାରଙ୍କ ଏ ପଦକ୍ଷେପ ସ୍ୱାଗତଯୋଗ୍ୟ। ଅନେକ ସମୟରେ ଟ୍ରାଫିକ ପୋଲିସକୁ ଚକ୍‌ମା ଦେଇ ଉଲ୍ଲଂଘନକାରୀ ଖସିବାକୁ ଚେଷ୍ଟା କରନ୍ତି। ହେଲେ ଯେଉଁ ଲୋକମାନେ ଏମାନଙ୍କର ଫଟୋ ଉଠାଇବେ ସେମାନେ ସାବଧାନତା ଅବଲମ୍ବନ କରିବା ନିହାତି ଜରୁରୀ। ସଚେତନତା କରିବାକୁ ଯାଇ ଯେମିତି ନିଜେ ବିପଦରେ ନ ପଡ଼ନ୍ତୁ। ବ୍ୟକ୍ତିଗତ ମତରେ ଏହା ମଧ୍ୟ ଫଳପ୍ରଦ ହେବନାହିଁ। କାହିଁକି ନା ଲୋକ ନିଜ ନିଜ ଭିତରେ ବୁଝାଶୁଝା ହୋଇଯିବେ। ଏମିତିରେ ସାଧାରଣ ଲୋକ ଟି ସମୟ କାଢି କାହିଁକି ଏସବୁ କରିବ। ଯେକୌଣସି ପଦକ୍ଷେପ ନେବା ପୂର୍ବରୁ ଟିକେ ଅଧିକ ଅନୁଶୀଳନ ଦରକାର।



–ଗୌରହରି ସାହୁ, ଛାତ୍ର

### ବିଶୃଙ୍ଖଳା, ହିଂସାକୁ ଜନ୍ମ ଦେବ

ଟ୍ରାଫିକ ନିୟମ ଖିଲାପକାରୀଙ୍କ ସମ୍ପର୍କରେ ଜନସାଧାରଣ ପରିବହନ ବିଭାଗକୁ ଫଟୋ ଓ ଭିଡିଓ ଉତ୍ତୋଳନ କରି ତଥ୍ୟ ଦେବା ନେଇ ଯେଉଁ ନୂଆ ପଦକ୍ଷେପ ସାମ୍ନାକୁ ଆସିଛି, ତାହା ବିଭାଗର ଏକ ଅତ୍ୟନ୍ତ ଦାୟିତ୍ୱହୀନତା ତଥା ନିର୍ବୋଧତାପୂର୍ଣ୍ଣ ନିଷ୍ପତ୍ତି। ଏହାକୁ ଲାଗୁ କରାଗଲେ କୁପରିଣାମ ନିହାତି ଭାବେ ଭୋଗିବାକୁ ପଡିବ। କୌଣସି ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ବ୍ୟବସ୍ଥା ରହିଛି। ସହଯୋଗ ଆଳରେ ସାଧାରଣ ଜନତାଙ୍କୁ ଏପରି ଅଧିକାର ପ୍ରଦାନ କରାଯିବା ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ସହ ହିଂସାକୁ ଜନ୍ମ ଦେବ। ବିଭିନ୍ନ ସ୍ଥାନରେ ଆଇନକୁ ହାତକୁ ନେଇ ଜନସାଧାରଣ ଆକ୍ରୋଶମୂଳକ ସ୍ଥିତି ସୃଷ୍ଟି କରିବେ। ଏପରି ଖିଲାପକାରୀଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ ବେଳେ ଦୁର୍ଘଟଣାର ଆଶଙ୍କାକୁ ମଧ୍ୟ ଏଡାଇ ହେବନାହିଁ। ଏପରି ସ୍ୱେଚ୍ଛାକୃତ ଟ୍ରାଫିକ ଅଧିକାରୀ ହେବା ଆଳରେ ଜନସାଧାରଣ ଦୁର୍ଘଟଣାର ଶିକାର ହେବେ। ଗାଡିର ଫଟୋ ଉଠାଇବାବେଳେ ଗାଡି ଚାଳକ ଓ ଫଟୋ ଉତ୍ତୋଳନ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ହିଂସା ଘଟିବା ମଧ୍ୟ ଏକ ପ୍ରକାର ସ୍ପଷ୍ଟ ଦୃଶ୍ୟମାନ। ଟ୍ରାଫିକ ହେଉ କିମ୍ବା କୌଣସି କ୍ଷେତ୍ରରେ ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କେବଳ ପ୍ରାଧିକୃତ ବିଭାଗ ଓ ସମ୍ପୃକ୍ତ ଅଧିକାରୀଙ୍କ କ୍ଷମତା ରହିଛି। ଜନସାଧାରଣଙ୍କଠାରୁ ସହଯୋଗ ଆଳରେ ଏପରି କ୍ଷମତା ପ୍ରଦାନ କରିବା ଏକ ଭୟଙ୍କର ସ୍ଥିତିକୁ ଜନ୍ମ ଦେବ। ତେଣୁ ଏପରି ପଦକ୍ଷେପରୁ ପରିବହନ ବିଭାଗ ନିବୃତ୍ତ ରହୁ।



–ବିନୋଦ କୁମାର ବେହେରା, କେନ୍ଦ୍ରାପଡ଼ା।

### ବିକଳ୍ପ ପଦକ୍ଷେପ ନିଆଯିବା ଦରକାର

ହେଲମେଟ ପିନ୍ଧି ନ ଥିବା ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଥିଯୋଗୁ ବହୁ ଜୀବନ ରକ୍ଷା ପାଇଯିବ। କିନ୍ତୁ ଏଥିପାଇଁ ପ୍ରଥମେ ଜନସାଧାରଣ ସର୍ତକ ଅବଲମ୍ବନ କରି ଅମାନିଆଙ୍କ ଫଟୋ ଉଠାଇବା ଆବଶ୍ୟକ। ଯଦି ଗାଡି ଚଳାଇବା ବେଳେ କୌଣସି ବ୍ୟକ୍ତି ମୋବାଇଲରେ ଫଟୋ ଉଠାନ୍ତି ତା'ହେଲେ ସେମାନେ ହିଁ ପ୍ରଥମେ ବିପଦରେ ପଡିବେ। ହେଲେ ସରକାରଙ୍କୁ ଅନ୍ୟ କେତେକ ପଦକ୍ଷେପ ନେବା ଦରକାର। ଫଟୋ ଉଠାଇବା ବ୍ୟକ୍ତିର ତଥ୍ୟ ଗୋପନୀୟରଖିବା ସହ ସୁରକ୍ଷା ଦେବା ନିହାତି ଦରକାର। ଉକ୍ତ ଫଟୋର ତଥ୍ୟର ସତ୍ୟତା ପରୀକ୍ଷା କରାଯିବା ଆବଶ୍ୟକ।



–ରୁଦ୍ର ନାରାୟଣ ମହାପାତ୍ର, ପ୍ରାଧ୍ୟାପକ, ସିଭିରମଣ ବିଶ୍ୱବିଦ୍ୟାଳୟ

### ସହଯୋଗ ଲୋଡ଼ାଯାଇଛି, ବାଧ୍ୟତାମୂଳକ ନୁହେଁ

ଲୋକମାନଙ୍କୁ ସଚେତନା କରିବା ପାଇଁ ଏକ ପଦକ୍ଷେପ। ଫଳରେ ଲୋକମାନେ ଭୟରେ ହେଲମେଣ୍ଟ ପିନ୍ଧିବା ଆରମ୍ଭ କରିବେ। ଆଉ ଯେଉଁମାନେ ଫଟୋ ଉଠାଇବେ ସେମାନେ ମଧ୍ୟ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ। ସହଯୋଗ ଲୋଡ଼ାଯାଇଛି। କିନ୍ତୁ କୌଣସି ବ୍ୟକ୍ତି ଫଟୋ ଉଠାଇ ଅପଲୋଡ କରିବା ବାଧ୍ୟତାମୂଳକ ନୁହେଁ। ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ନାମ ଗୋପନ ରଖାଯିବ।



–ଅମିତାଭ ଠାକୁର, ଏସ୍‌ଟିଏ କମିଶନର

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା, ଜୟଦେବ ବିହାର, ସକାଳ ୭ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା, ଖାରବେଳନଗର, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୯୦ତମ ଶ୍ରାଦ୍ଧୋତ୍ସବ, ରାଜଭବନ ନିକଟ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ୱାନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଶହୀଦ ନଗର, ସକାଳ ୯ଟା ୪୫।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଗଣେଶ ପୂଜା, ଭୌମନଗର, ୟୁନିଟ୍-୪, ପୂର୍ବାହ୍ନ ୧୦ଟା।
- ସୋମନାଥ ଯୁବ ପରିଷଦ ବାର୍ଷିକ ଉତ୍ସବ ଓ ଗଣେଶ ପୂଜା, ସମେଇଗାଡ଼ିଆ, ମଧ୍ୟାହ୍ନ ୧୨ଟା।
- ମା' ମଙ୍ଗଳା ୟୁଥ କ୍ଲବ ପକ୍ଷରୁ ଗଣେଶ ପୂଜା, ବୁଦ୍ଧେଶ୍ୱରୀ କଲୋନୀ, ମଧ୍ୟାହ୍ନ ୧୨ଟା।

**କଟକ**

- ସମ୍ପର୍କ ଛାଇ ଆଲୁଅ ସିନେମାର ମହୁରତ, ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- କ୍ଲବ୍ ନ କ୍ଲବ ପକ୍ଷରୁ ଗଣେଶ ପୂଜା, କ୍ଲବ ପରିସର, ବକ୍ସି ବଜାର, ଅପରାହ୍ନ ୪ଟା।




ଗଣେଶ ପୂଜା ଉପଲକ୍ଷେ ସୋମବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ୧୦୦ କେଜି ଷ୍ଟିଲ୍ ବାସନ ଓ ବାଲିରେ ନିର୍ମିତ ବାଲୁକା କଳା।

## ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ

**ଅଭିଯୁକ୍ତ ଗିରଫ**

ବାରଙ୍ଗ,୧୮।୯(ଲିଙ୍ଗରାଜ ରାଉତ)

ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବାରଙ୍ଗ ପୋଲିସ ଜଣଙ୍କୁ ଗିରଫ କରି ସୋମବାର ଡାକ୍ତରୀ ମାଇନା ପାଇଁ ପଠାଇଛି। ଅଭିଯୁକ୍ତ ହେଲେ ବଡ଼ମ୍ବା ଅଞ୍ଚଳର ପାପୁନ ଦଳେଇ। ବାରଙ୍ଗ ଥାନା ଅଧୀନ ଅରିଲୋ ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଥିବା ଶିଶୁ କନ୍ୟାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୩୩୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରକାଶ ଯେ, ଢେଙ୍କାନାଳ ଅଞ୍ଚଳର ଜଣେ ରାଜମିସ୍ତ୍ରି ପିଲାଛୁଆ ଧରି ଦୀର୍ଘ ଦିନ ଧରି ଅରିଲୋ ଅଞ୍ଚଳରେ ଭଡ଼ାରେ ରହିଆସୁଛନ୍ତି। ତାଙ୍କ ଘର ପାଖରେ ପାପୁନଙ୍କ ପରିବାର ମଧ୍ୟ ରହୁଥିଲେ। ରବିବାର ସନ୍ଧ୍ୟା ସମୟରେ ଘରେ ଶିଶୁକନ୍ୟାଟି ଏକୁଟିଆ ଥିବା ଦେଖି ସଂସ୍କୃତ ମହାବିଦ୍ୟାଳୟରେ ପାଠ ପଢୁଥିବା ପାପୁନ ଘର ଭିତରକୁ ପଶି ଆସି ତାଙ୍କୁ ଖାଇବାର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏହି ଖବର କାହାକୁ କହିଲେ ଜୀବନରୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲେ। କିନ୍ତୁ ଯନ୍ତ୍ରଣା ସହ୍ୟ କରି ନ ପାରି ଶିଶୁ କନ୍ୟାଟି ଘଟଣା ବାବଦରେ ମା'ବାପା ଘରକୁ ଫେରିବା ପରେ କହିଥିଲା।

## ୩ ଦିନିଆ ରିମାଣ୍ଡରେ ଆସିବେ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ

ଭୁବନେଶ୍ୱର,୧୮।୯ (ସୂର୍ଯ୍ୟକାନ୍ତ ବେହେରା)

**ଫ୍ରାଞ୍ଚାଇଜ୍ ଆଳରେ ବହୁ କୋଟିର ଠକେଇ ମାମଲା**

ଫ୍ରାଞ୍ଚାଇଜ୍ ଯୋଗାଇବା ଆଳରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା 'ହାଇଫେର୍କ ଟେକ୍ନୋଲୋଜି ପ୍ରାଇଭେଟ ଲିଃ'ର ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଭୋଇଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ରିମାଣ୍ଡରେ ଆଣି ଜେରା କରିବ। ଏନେଇ ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟରେ ୩ ଦିନିଆ ରିମାଣ୍ଡ ପାଇଁ ସୋମବାର ଆବେଦନ ହୋଇଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଅତିରିକ୍ତ ଡିସିପି ସଞ୍ଜୀବ ଶତପଥୀ କହିଛନ୍ତି। ଏହାସହ ତାଙ୍କ ନାଁରେ କେତୋଟି କମ୍ପାନୀ ରହିଛି, ତାହା ଜାଣିବା ପାଇଁ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ (ଆର୍‌ଓସି)କୁ ଚିଠି ଲେଖାଯାଇଛି। ଆର୍ଥିକ କାରବାର ସମ୍ପର୍କରେ ଜାଣିବା ପାଇଁ ବ୍ୟାଙ୍କକୁ ଚିଠି ଲେଖାଯାଇଛି। ସେହିପରି ତାଙ୍କ ଦ୍ୱାରା କେହି ଠକେଇର ଶିକାର ହୋଇଥିଲେ ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ ଅତିରିକ୍ତ ଡିସିପି ଅପିଲ କରିଛନ୍ତି। ସୂଚନାନୁସାରେ, ଅଭିଯୁକ୍ତ ସଚ୍ଚିଦାନନ୍ଦଙ୍କ ଘର ବଡ଼ଗଡ଼ ଜିଲାରେ। ତାଙ୍କ କମ୍ପାନୀ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଓ ଷ୍ଟାର୍ଟଅପ୍‌ର ସହଭାଗିତାରେ ଚାଲୁଥିବାର ମିଥ୍ୟା ସୂଚନା ଦେଇ ସେ ବିଶ୍ୱାସ ଜନ୍ମାଇଥିଲେ। ଗାଡି, ଯନ୍ତ୍ରପାତି, ଡ୍ରାଇଭର, ମେକାନିକ ଯୋଗାଇଦେବା ଆଳରେ ନିବେଶକଙ୍କଠାରୁ କୋଟି କୋଟି ଟଙ୍କା ଠକିଥିଲେ। ଠକେଇର ଶିକାର ୧୩ଜଣ ନିବେଶକାରୀଙ୍କ ଅଭିଯୋଗ ପରେ ପୋଲିସ ତାଙ୍କୁ ଶୁକ୍ରବାର ଗିରଫ କରିବା ସହ ଗାଡି ଓ ବହୁ କାଜପତ୍ର ଆଦି ଜବତ କରିଥିଲା।

## ଦୁର୍ଘଟଣା: ବାଇକ୍ ଚାଳକ ମୃତ, ୨ ଗୁରୁତର

**ଯାଁଳା,୧୮।୯(ବୁଲା ବାରିକ):** ୧୬ ନମ୍ବର ଜାତୀୟ ରାଜପଥର ଗୋହିରା ଛକ ନିକଟରେ ରବିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ଅବରୋଧ କରି ରଖାଯାଇଥିବା କଂକ୍ରିଟ୍ ସ୍ଲାବକୁ ଧକ୍କାଦେଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯାଁଳା ପଞ୍ଚାୟତ ଓଗାଳପଡା ବାଟ ଭୂଆସୁଣୀ ମନ୍ଦିର ପଛପଟେ ରହୁଥିବା କଟକ ଅଞ୍ଚଳର ଦେବରାଜ ଦାସ (୩୦)। ସେ ତାଙ୍କ ମାମୁ ଘରେ ରହୁଥିଲେ। ଗୁରୁତରଦ୍ୱୟ ହେଲେ ସ୍ଥାନୀୟ ଓଗାଳପଡାର ଦେବୁ ଓ ଆଲୋକ। ଖବରପାଇ ତମାଣ୍ଡୋ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ମେଡିକାଲକୁ ପଠାଇଥିଲା।

## ଯାହା ସନାତନ ଜ୍ଞାନରେ ପ୍ରତିଷ୍ଠିତ, ତାହା ହିଁ ଧର୍ମ

ଭୁବନେଶ୍ୱର, ୧୮।୯(ବନ୍ଦନା ସେଠୀ)

**ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର**

କେବଳ ପୁରୁଣା ବୋଲି ନୁହେଁ, ଯାହା ସନାତନ ଜ୍ଞାନରେ ପ୍ରତିଷ୍ଠିତ ତାହା ହିଁ ସନାତନ ଧର୍ମ। ଏହାର ବିନାଶ ନାହିଁ। ସୋମବାର ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ଶ୍ରୀଅରବିନ୍ଦ ନଗରସ୍ଥିତ ନ୍ୟାସର କାର୍ଯ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ପାଠଚକ୍ରରେ ବକ୍ତାମାନେ ଏହା କହିଛନ୍ତି। ପାଠଚକ୍ରକୁ ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦଶର୍ମା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ରନାଥ ମହାନ୍ତି ଯୋଗଦେଇ 'ଭାରତ ଓ ସନାତନ ଧର୍ମ' ବିଷୟରେ ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସନାତନ ଧର୍ମ ଅନୁଯାୟୀ, ଜୀବନକୁ ବଞ୍ଚି ଜାଣିଲେ, ଜୀବନ ହିଁ ପ୍ରେମ ବୋଲି ମହାନ୍ତି କହିଥିଲେ। ରବୀନ୍ଦ୍ରନାଥ ପାଢୀ ଯୋଗଦେଇ କହିଲେ, ଭାରତ ଏକ ନିଷ୍ପ୍ରାଣ ଭୂମିଖଣ୍ଡ ନୁହେଁ, ଏହା ଜାଗ୍ରତ ଚେତନା। ଏହି ଚେତନା ଭାରତକୁ ବିଶ୍ୱଗୁରୁ ପଦରେ ଅଧିଷ୍ଠିତ କରିବ ବୋଲି ସେ ମତ ରଖିଥିଲେ। ନ୍ୟାସର ଅଧ୍ୟକ୍ଷ ଡ. ହୃଷୀକେଶ ମଲ୍ଲିକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରି ଏକ ସମୟୋପଯୋଗୀ ପ୍ରସଙ୍ଗ ଉପରେ ପାଠଚକ୍ର ହେଉଥିବା କହିଥିଲେ। ଏହି ଅବସରରେ ନ୍ୟାସର ବାର୍ଷିକ ମୁଖପତ୍ର 'ଅରୋକିରଣ' ଉନ୍ମୋଚିତ ହୋଇଥିଲା। ଡ. କାଶିଭୂଷଣ ବେହେରା, ରବୀନ୍ଦ୍ର ପାତ୍ର, ସୁବାସ ଚନ୍ଦ୍ର କର, ସୁଧୀର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭଞ୍ଜନ ମହାନ୍ତି ଓ ମହେଶ୍ୱର ଲେଙ୍କା ପାଠଚକ୍ର ପରିଚାଳନା କରିଥିବାବେଳେ ଇଂ. ରୋହିତାଶ୍ୱ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




ପାଠଚକ୍ରରେ ବାର୍ଷିକ ମୁଖପତ୍ର 'ଅରୋକିରଣ'କୁ ଉନ୍ମୋଚନ କରାଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଜଗନ୍ନାଥ



@ ଶୁଭଦର୍ଶନ



@ ସୌମ୍ୟ



@ ପ୍ରଶାନ୍ତ



@ ପ୍ରତାପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## କନକ ନ୍ୟୁଜ୍ ଆଙ୍କରଙ୍କୁ ପୋଲିସର ୨ ଘଣ୍ଟା ପଚରାଉଚରା

ଭୁବନେଶ୍ୱର,୧୮।୯ (ସତ୍ୟଜିତ୍ ରାଉତ)

ଓଡ଼ିଆ ଚଳଚିତ୍ରର ଜଣେ ଅଭିନେତ୍ରୀଙ୍କୁ ଧମକ ଦେଇଥିବା ଅଭିଯୋଗରେ ସୋମବାର କନକ ନ୍ୟୁଜ୍‌ର ଉପସ୍ଥାପକ (ଆଙ୍କର) ମାନସ ଦାସଙ୍କୁ ବଡ଼ଗଡ଼ ଥାନା ପୋଲିସ ପଚରାଉଚରା କରିଛି। ରାତି ପ୍ରାୟ ୮ଟାରେ ଓକିଲଙ୍କ ଜରିଆରେ ମାନସ ଥାନାରେ ହାଜର ହୋଇଥିଲେ। ପୋଲିସ ଟିମ୍ ତାଙ୍କୁ ମାମଲାର ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିଲା। ଦୁଇ ଘଣ୍ଟା ପରେ ରାତି ପ୍ରାୟ ୧୦ଟାରେ ମାନସ ଥାନାରୁ ବାହାରିଥିଲେ। ପୀଡ଼ିତା ଅଭିନେତ୍ରୀ ଜଣକ ତାଙ୍କ ପୁରୁଷବନ୍ଧୁଙ୍କ ନାଁରେ ପ୍ରତାରଣା ଓ ଠକେଇ ନେଇ ଗତ ୬ମାସ ତଳେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଏହାକୁ କେନ୍ଦ୍ରକରି ଅଭିନେତ୍ରୀଙ୍କୁ ଫୋନ୍ ଯୋଗେ ପୁରୁଷବନ୍ଧୁଙ୍କ ସମେତ ମାନସ ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଅଭିନେତ୍ରୀଙ୍କ ମା' ବଡ଼ଗଡ଼ ଥାନାରେ ଏତଲା ଦେବା ପରେ ଅଗଷ୍ଟ ୧୮ରେ ପୋଲିସ ଏକ ମାମଲା (ନଂ.୪୫୪/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

